## ସଂକ୍ଷେପରେ

### ଡ୍ରେନ୍ ସଫା ଦାବି କଲେ ପଡ଼ାବାସୀ

**ସମ୍ବଲପୁର,୧୭।୬(ବ୍ୟୁରୋ):** ସମ୍ବଲପୁର ମହାନଗର ନିଗମ ୧୫ ନମ୍ବର ୱାର୍ଡ ଚନ୍ଦନନଗର ଓ ତାଲଭଟାପଡ଼ାବାସୀ ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଡ୍ରେନ ସଫା ନ ହେବାରୁ ପାଣି ଜମି ରହି ଦୁର୍ଗନ୍ଧ ବାହାରୁଛି। ଅସ୍ୱାସ୍ଥ୍ୟକର ପରିବେଶରେ ରହିବାକୁ ପଡୁଛି। ପୂର୍ବରୁ ଏହି ସମସ୍ୟା ନେଇ ଅଭିଯୋଗ କରାଯାଇଥିଲା। ହେଲେ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଆଗକୁ ବର୍ଷା ହେଲେ ଡ୍ରେନ୍ ପାଣି ଘର ଭିତରକୁ ପଶିବା ଆଶଙ୍କା ରହିଛି। ତେଣୁ ଶୀଘ୍ର ଡ୍ରେନ୍‌ଗୁଡିକୁ ସଫା କରିବାକୁ ସେମାନେ ଦାବି କରିଛନ୍ତି। ପଡ଼ାବାସୀଙ୍କ ସହ ଏସ୍‌ଏଚ୍‌ଜି ମହିଳାମାନେ ସାମିଲ ଥିଲେ।

### ଆଦର୍ଶ ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ

**ରେଢ଼ାଖୋଲ,୧୭।୬(ଡି.ଏନ.ଏ.):** ଚଳିତ ଶିକ୍ଷାବର୍ଷଠାରୁ ବିଧିବଦ୍ଧ ଭାବେ ରେଢ଼ାଖୋଲ ଆଦର୍ଶ ବିଦ୍ୟାଳୟରେ ପାଠପଢା ଆରମ୍ଭ ହୋଇଛି। ତେବେ ବିଦ୍ୟାଳୟର ନିଜସ୍ୱ କୋଠା ନ ଥିବାରୁ ଶୁଣ୍ଢିମୁଣ୍ଡାସ୍ଥିତ ସରକାରୀ ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟରେ ପାଠପଢା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଶୁକ୍ରବାର ଆଦର୍ଶ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉପଜିଲାପାଳ ପବିତ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବ ଉଦ୍‌ଘାଟନ କରିଥିଲେ। ବିଡିଓ ପରିକ୍ଷିତ ସାହୁ, ଅତିରିକ୍ତ ଜିଲାଶିକ୍ଷାଧିକାରୀ ଜୟଶ୍ରୀ ଦୋରା, ଅତିରକ୍ତ ଜିଲା ମଙ୍ଗଳ ଅଧିକାରୀ ଦିଲୀପ ମିଶ୍ର, ଗୋଷ୍ଠୀ ଶିକ୍ଷାଧିକାରୀ ବିଜୟ ପାତ୍ର, ଆଦର୍ଶ ବିଦ୍ୟାଳୟ ଅଧକ୍ଷ ନରୋତ୍ତମ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇଥିବା ୭୦ ଛାତ୍ରୀଛାତ୍ର ଓ ଅଭିଭାବକ ଯୋଗ ଦେଇଥିଲେ।

### କୁଚିଣ୍ଡାରେ ପ୍ରସନ୍ନ ପଣ୍ଡାଙ୍କ ଜନ୍ମ ଶତବାର୍ଷିକୀ

**କୁଚିଣ୍ଡା,୧୭।୬(ଡି.ଏନ.ଏ.):** କୁଚିଣ୍ଡା ଆଦିବାସୀ ଭବନରେ ଗୁରୁବାର ପ୍ରସନ୍ନ ପଣ୍ଡା ଜନ୍ମ ଶତବାର୍ଷିକି କମିଟି ଓ ଆଦିବାସୀ ସାଂସ୍କୃତିକ ପରିଷଦ ପକ୍ଷରୁ ରମେଶ ପ୍ରଧାନଙ୍କ ସଭାପତିତ୍ୱରେ ଜନନେତା ପ୍ରସନ୍ନ ପଣ୍ଡାଙ୍କ ଜନ୍ମଶତବାର୍ଷିକୀ ପାଳିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟକ ବୃନ୍ଦାବନ ମାଝି ମୁଖ୍ୟଅତିଥି, ଅବସରପ୍ରାପ୍ତ କଲେଜ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟବକ୍ତା, ଆଧାପକ କେଶବ ଉମାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରସନ୍ନ ପଣ୍ଡା ବିସ୍ଥାପନ ଆନ୍ଦୋଳନର କର୍ଣ୍ଣଧାର ସାଜିବା ସହ ଗରିବ ଜନତାଙ୍କ ସାଥି ଥିଲେ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଆୟୋଜନ କରିବାରେ ଲିପି କିଷାନ, ବିଶାଖା କିଷାନ, ବିନୋଦିନୀ ବାଘ, ଜ୍ୟୋତ୍ସ୍ନା କିଷାନ ପ୍ରମୁଖ ସହଯୋଗ କରିଥିଲେ। ସ୍ମୃତି କମିଟି ଆବାହକ ନରେନ୍ଦ୍ର କୁମାର ବାଘ ସଭା ପରିଚାଳନା କରିଥିବା ବେଳେ ଇଞ୍ଜିନିୟର ରୁଦ୍ର ପ୍ରତାପ ବାଘ ଧନ୍ୟବାଦ ଦେଇଥିଲେ।

### ଅବ୍ୟବହୃତ ହୋଇପଡ଼ିଛି ବସ୍‌ଷ୍ଟାଣ୍ଡ ଶୌଚାଳୟ

**ଜମନକିରା,୧୭।୬(ଡି.ଏନ.ଏ.):** ଜମନକିରା ବ୍ଲକ ସଦର ମହକୁମା ବସ୍‌ଷ୍ଟାଣ୍ଡ ସମ୍ମୁଖରେ ଥିବା ଶୌଚାଳୟ ରକ୍ଷଣାବେକ୍ଷଣ ଅଭାବରୁ ଅବ୍ୟବହୃତ ହୋଇପଡିଛି। ଏହି ବସ୍‌ଷ୍ଟାଣ୍ଡ ଦେଇ ପ୍ରତ୍ୟହ ଶତାଧିକ ଯାନବାହନ ଯାତାୟାତ କରିଥାଏ। ଲୋକେ ବସ୍‌କୁ ଅପେକ୍ଷା କରି ବସ୍‌ଷ୍ଟାଣ୍ଡରେ ବିଶ୍ରାମ ନେଇଥାନ୍ତି। ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପଞ୍ଚାୟତ ପକ୍ଷରୁ ୨୦୧୮-୧୯ ଆର୍ଥିକ ବର୍ଷରେ ୪ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳରେ ଶୌଚାଳୟ ନିର୍ମାଣ କରାଯାଇଥିଲା। ପଞ୍ଚାୟତ ପକ୍ଷରୁ ଗ୍ରାମ୍ୟ କମିଟିକୁ ଏହି କାର୍ଯ୍ୟ ହସ୍ତାନ୍ତର ହୋଇଥିଲା। ଗୋଟିଏ ପଟେ ମହିଳା ଓ ଅନ୍ୟପଟେ ପୁରୁଷଙ୍କ ପାଇଁ ଶୌଚାଳୟ ଉଦ୍ଦିଷ୍ଟ ଥିଲା। ମାତ୍ର ପଞ୍ଚାୟତ ପକ୍ଷରୁ ଏହାର ରକ୍ଷଣାବେକ୍ଷଣ ହେଉ ନ ଥିବାରୁ ଶୌଚାଳୟଟି ବ୍ୟବହାର ଯୋଗ୍ୟ ହୋଇ ରହିନାହିଁ। ଫଳରେ ଅପେକ୍ଷାରତ ଯାତ୍ରୀ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଅନ୍ୟପକ୍ଷେ ଶୌଚ ନିମନ୍ତେ ଗୋଟିଏ ଲେଖାଏ ଶୌଚାଳୟ ରହିଥିଲେ ବି ତାହା ତାଲା ପଡ଼ିଥିବା ଦେଖିବାକୁ ମିଳୁଛି। ଫଳରେ ରୋଗୀ, ଗର୍ଭବତୀ ମହିଳା, ବୃଦ୍ଧା ତଥା କୁନି କୁନି ଶିଶୁ ବାଧ ହୋଇ ପାଖରେ ଥିବା ବନ୍ଧ ହୁଡାରେ ଶୌଚ କରୁଥିବା ଦେଖାଯାଉଛି। ଏହାକୁ ସଫାସୁତୁରା ସହ ପାଇଖାନା ଗୁଡ଼ିକ ସବୁ ସମୟରେ ଖୋଲା ରଖିବାକୁ ଯାତ୍ରୀ ତଥା ବ୍ୟବସାୟୀଙ୍କ ପକ୍ଷରୁ ଦାବି ହେଉଛି। ଏ ସଂକ୍ରାନ୍ତରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ମନୋଜ କୁମାର ପଟେଲଙ୍କୁ ପଚାରିବାରୁ ସେ ପଞ୍ଚାୟତରେ କିଛିଦିନ ହେଲା ଯୋଗ ଦେଇଛନ୍ତି। ଏ ସମ୍ପର୍କରେ ବୁଝିବା ପରେ ଯାହାକିଛି ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

# ୧୦ ମାସର ଶିଶୁକୁ ଏକ୍ସପାଏରି ଭାକ୍ସିନ

**ଥାନାରେ ମାମଲା, ଡାକ୍ତରଖାନାରେ ଶିଶୁ**

**କୁଚିଣ୍ଡା,୧୭।୬(ଡି.ଏନ.ଏ.)**

କୁଚିଣ୍ଡା ସହରର ଏକ କ୍ଲିନିକରେ ୧୦ ମାସର ଶିଶୁକନ୍ୟାକୁ ୬ବର୍ଷ ତଳର ଏକ୍ସପାଏରି ଭାକ୍ସିନ ଦେଇ ଔଷଧ ମୂଲ୍ୟଠାରୁ ପାଞ୍ଚଗୁଣ ଟଙ୍କା ଠକି ନିଆଯାଇଛି। ଏ ନେଇ ଶିଶୁକନ୍ୟାଙ୍କ ବାପା କୁଚିଣ୍ଡା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଭାକ୍ସିନ ନେଇଥିବା ଶିଶୁକନ୍ୟାକୁ ଚିକିତ୍ସା ପାଇଁ କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ଅଭିଯୋଗ ଅନୁଯାୟୀ, ଦେବଗଡ଼ ଜିଲା ବାରକୋଟ ଗ୍ରାମର ରାଜେଶ କୁମାର ସାହୁ ତାଙ୍କ ୧୦ ମାସର ଶିଶୁ କନ୍ୟାଙ୍କୁ କୁଚିଣ୍ଡାରେ ଥିବା ଏକ କ୍ଲିନିକକୁ ଭାକ୍ସିନ ଦେବା ପାଇଁ ଦୁଇଥର ଆଣିଥିଲେ। ଗୁରୁବାର ତୃତୀୟ ଡୋଜ୍ ଦେବା ପାଇଁ ଉକ୍ତ କ୍ଲିନିକକୁ ଆସିଥିବା ବେଳେ ସେଠାରେ ଥିବା ଡାକ୍ତର ରାଜେଶଙ୍କୁ ଏକ କାଗଜ ଦେଇ ଜେରକ୍ସ କରିବା ପାଇଁ ପଠାଇ ଦେଇଥିଲେ। ରାଜେଶ ଫେରିବା ବେଳେ ଡାକ୍ତର ଶିଶୁଙ୍କୁ ଭାକ୍ସିନ ଦେଇସାରିଥିଲେ ଓ ଏ ବାବଦକୁ ୨୧ଶହ ଟଙ୍କା ମାଗିଥିଲେ। ରାଜେଶ ଡାକ୍ତରଙ୍କୁ ଟଙ୍କା ପଇଠ କରି ସନ୍ଦେହ ହେବାରୁ କେଉଁ ଭାକ୍ସିନ ଦେଇଛ ଦେଖିବି କହିବାରୁ ଡାକ୍ତର ତାଙ୍କୁ ଏକ ଲେବୁଲ ନ ଥିବା ଭାକ୍ସିନ ଶିଶି ଡଷ୍ଟବିନରୁ ଆଣି ଦେଖାଇଥିଲେ। ରାଜେଶ ଏକ୍ସପାଏରି ଲେବୁଲ ଓ ମୂଲ୍ୟ ଉଲ୍ଲେଖ ଥିବା ଖୋଳ ଦେଖିବାପରେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଶିଶୁଙ୍କୁ ଯେଉଁ ଭାକ୍ସିନ ଦିଆଯାଇଛି ତାହା ୨୦୧୭ ଜୁଲାଇରୁ ଏକ୍ସପାଏରି ହୋଇଯାଇଥିବା ଓ ଏହାର ମୂଲ୍ୟ ୪୨୯ ଟଙ୍କା ଉଲ୍ଲେଖ ଥିବା ଜାଣି ଡାକ୍ତରଙ୍କୁ ପଚାରିବାରୁ ସେ କିଛି ହେବନି ଉତ୍ତର ଦେଇଥିଲେ ବୋଲି ରାଜେଶ ଏତଲାରେ ଉଲ୍ଲେଖ କରିଛନ୍ତି। ରାଜେଶ ସଙ୍ଗେ ସଙ୍ଗେ ଶିଶୁ କନ୍ୟାକୁ ନେଇ ଚିକିତ୍ସା ପାଇଁ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରି କୁଚିଣ୍ଡା ଥାନାରେ ଅଭିଯୋଗ କରିଥିଲେ। ଚିକିତ୍ସା ପରେ ଶିଶୁଟିର ଅବସ୍ଥା ଭଲ ଥିବା ଜଣାଯାଇଛି। ଏ ନେଇ କୁଚିଣ୍ଡା ଥାନାରେ ଆଇପିସି ଦଫା ୩୩୬/୩୩୭ରେ ମାମଲା (ନଂ୧୦୬/୨୨) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।

# ଏମ୍‌ସିଏଲ୍ ଆନନ୍ଦ ବିହାରରେ ରଜ ଉତ୍ସବ



ରଜ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ସମ୍ବଲପୁର,୧୭।୬(ବ୍ୟୁରୋ)**

ଦର୍ପଣ ଆୟୋଜିତ ରଜ ଉତ୍ସବ ଗୁରୁବାର ରାତିରେ ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ଆନନ୍ଦ ବିହାରଠାରେ ଉଦ୍‌ଯାପିତ ହୋଇଯାଇଛି। ରଜ ଗୀତ ଓ ନୃତ୍ୟରେ ଦର୍ଶକମାନେ ଝୁମି ଉଠିଥିଲେ। ଏମ୍‌ସିଏଲ୍ ଅର୍ଥ ବିଭାଗର ମୁଖ୍ୟ ପ୍ରବନ୍ଧକ ଡିକେନ ମେହେରା ମୁଖ୍ୟଅତିଥି ଯୋଗଦେଇ ଓଡ଼ିଶାର ସଂସ୍କୃତି ଓ ପରମ୍ପାରାକୁ ବଞ୍ଚାଇରଖିବାରେ ଦର୍ପଣ ଅନୁଷ୍ଠାନର ପ୍ରୟାସକୁ ପ୍ରଶଂସା କରିଥିଲେ। ସେହିପରି ଅନୁଷ୍ଠାନ କର୍ମକର୍ତ୍ତା ରକ୍ତଦାନ ଶିବିର, ବୃକ୍ଷରୋପଣ, ପଥପ୍ରାନ୍ତ ନାଟକ ଜରିଆରେ ଜନସାଧାରଣଙ୍କୁ ସଚେତନ କରୁଛନ୍ତି ବୋଲି କହିଥିଲେ। ଅଳକା ମେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ରଜ ପିଠା, ପାନ, ଓଡିଆ ଆଧୁନିକ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଜାଗୃତି ବିହାର ଲେଡିଜ କ୍ଲବର ରଶ୍ମି ବେଉରା, ଏଲି ସାମଲ, ଅନସୂୟା ତ୍ରିପାଠୀ, ରଞ୍ଜିତା ବିଶ୍ୱାଳ ବିଚାରକ ଭାବେ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଆଦର୍ଶ ବିଦ୍ୟାଳୟରେ ଛାତ୍ରାବାସ କାର୍ଯ୍ୟକ୍ଷମ ଦାବି

**ସମ୍ବଲପୁର,୧୭।୬(ବ୍ୟୁରୋ)**

ସମ୍ବଲପୁର ଜିଲା ଧନକଉଡା ବ୍ଲକ ଆଦର୍ଶ ବିଦ୍ୟାଳୟର ଅଭିଭାବକମାନେ ଶୁକ୍ରବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ସ୍କୁଲଠାରୁ ୩୫ରୁ ୪୦କି.ମି. ଦୂରରୁ ଛାତ୍ରୀଛାତ୍ର ନିୟମିତ ପଢିବାକୁ ଆସୁଥିବାରୁ ଯିବାଆସିବାରେ ସମସ୍ୟା ହେଉଛି। ଅଯଥା ସମୟ ନଷ୍ଟ ହେଉଥିବାବେଳେ ସେମାନଙ୍କ ଉପରେ ଶାରୀରିକ ଓ ମାନସିକ ଚାପ ପଡୁଛି। ଏହା ପାଠ ପଢାରେ ପ୍ରଭାବ ପକାଉଛି। ପୁଣି ଅଧିକାଂଶ ଅଭିଭାବକ ଗରିବ ଖଟିଖିଆ ଶ୍ରେଣୀର। ସେମାନଙ୍କ ପକ୍ଷେ ଖର୍ଚ୍ଚକରି ପିଲାଙ୍କୁ ନେବାଆଣିବା କରିବା ସମ୍ଭବପର ନୁହେଁ। ତେଣୁ ସ୍କୁଲ ପରିସରରେ ଏକ ହଷ୍ଟେଲ କାର୍ଯ୍ୟକ୍ଷମ କରାଯାଉ ବୋଲି ଉଲ୍ଲେଖ ରହିଛି। ଜୟନାରାୟଣ ସାହୁ, କମଳଲୋଚନ ଭୋଇ, ହଳଧର ଭୋଇ, ରଶ୍ମିତା ରନବିଡା, କଳ୍ପନା ନାଏକ, ସୌଦାମିନି ଭୋଇ, ମଦନ ଜଗଦଲା, ବିଜୟ କୁମାର ଭୋଇ, ନରେଶ ଜଗଦଲା ପ୍ରମୁଖଙ୍କ ସ୍ୱାକ୍ଷର ରହିଛି।



ଜିଲାପାଳଙ୍କ ଅଫିସ ସମ୍ମୁଖରେ ଅଭିଭାବକମାନେ ।

# ଆୟକର କାର୍ଯ୍ୟାଳୟ ଆଗରେ କଂଗ୍ରେସର ବିକ୍ଷୋଭ

**ଝାରସୁଗୁଡ଼ା ଅଫିସ,୧୭।୬**

ନ୍ୟାଶନାଲ ହେରାଲ୍ଡ ଖବରକାଗଜରେ ଆର୍ଥିକ ଅନିୟମିତତା ଓ ମନି ଲଣ୍ଡରିଂକୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତରଫରୁ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ମାରାଥନ ଜେରା କରାଯାଇଛି। ଏହାର ପ୍ରତିବାଦରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ନିର୍ଦ୍ଦେଶକ୍ରମେ ଝାରସୁଗୁଡା ଜିଲା କଂଗ୍ରେସ କମିଟି ତରଫରୁ ଶୁକ୍ରବାର ଜିଲା ଆୟକର ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ନେତୃବୃନ୍ଦ କେନ୍ଦ୍ର ଭାଜପା ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେବା ସହ ରାହୁଲ ଗାନ୍ଧୀ ଜିନ୍ଦାବାଦ୍ କହୁଥିବା ଦେଖାଯାଇଥିଲା। ଜିଲା କଂଗ୍ରେସ କମିଟି ସଭାପତି ଭରତ ଅବସ୍ଥୀଙ୍କ ନେତୃତ୍ୱରେ ଉପସଭାପତି ଶିୟାରାମ ଦାସ, ଟାଉନ ସଭାପତି ସଞ୍ଜୟ ମହାପାତ୍ର, ଭଗୀରଥି ପାତ୍ର, ପୂର୍ବତନ କାଉନସିଲର ଫକୀର ନାୟକ, ପ୍ରକାଶ ସିଂହଦେଓ, ବେଲପାହାଡ ଟାଉନ ସଭାପତି ଭାସ୍କର ପଟେଲ, ଶୈଳେଶ ଅବସ୍ଥୀ, ମୁନୁ ଭାଇ, ଅଶୋକ ମିଶ୍ର, ଜିତୁ ସ୍ୱାଇଁ, ଅଶୋକ ସିଂହଦେଓ, ଜସ୍‌ପିତ କୌର ପ୍ରମୁଖ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ପ୍ରସନ୍ନ ପଣ୍ଡାଙ୍କ ସ୍ମୃତିରେ ଡାକଟିକେଟ ପ୍ରଚଳନ ଦାବି

**ଝାରସୁଗୁଡ଼ା ଅଫିସ,୧୭।୬**

ପୂର୍ବତନ ବିଧାୟକ ତଥା ଜନନେତା ସ୍ୱର୍ଗତ ପ୍ରସନ୍ନ ପଣ୍ଡାଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଭାଜପା ତରଫରୁ ତାଙ୍କ ସ୍ମୃତିରେ ଏକ ଡାକ ଟିକେଟ ପ୍ରଚଳନ ପାଇଁ ଦାବି ହୋଇଛି । ଏହି ମର୍ମରେ ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପୃଥକ୍ ଭାବେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ ରହିଛି ପୂର୍ବତନ ବିଧାୟକ ପଣ୍ଡା ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀରୁ ୬ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସେ ନିଃସ୍ୱାର୍ଥପର ଭାବେ ଲୋକଙ୍କ ପାଇଁ କାମ କରୁଥିଲେ। ସେ ଜଣେ ସାଲିସବିହୀନ ସାମ୍ୟବାଦ ନେତା ଥିଲେ। ଏହାକୁ ସ୍ମରଣ କରିବା ପାଇଁ ତାଙ୍କ ସ୍ମୃତିରେ ଡାକଟିକେଟ ପ୍ରଚଳନ ପାଇଁ ଦାବି ହୋଇଆସୁଛି। ଏହା ହେଲେ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

# ଅଣସଂକ୍ରାମକ ରୋଗ ଉପରେ ସଚେତନତା

**ସମ୍ବଲପୁର,୧୭।୬(ବ୍ୟୁରୋ)**

ମହାନଗର ନିଗମର ବଡବଜାର ଧୋବାପଡାଠାରେ ଶୁକ୍ରବାର ଅଣସଂକ୍ରାମକ ରୋଗ ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସହରାଞ୍ଚଳ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ୟୁନିଟ୍ ପକ୍ଷରୁ ମଧୁମେହ, ରକ୍ତଚାପ, କ୍ୟାନ୍‌ସର ପ୍ରଭୃତି ରୋଗ ବିଷୟରେ ଆଲୋଚନା କରାଯାଇଥିଲା। ୟୁନିଟର ଡାକ୍ତର ରାଜାରାମ ଷଡଙ୍ଗୀ ସଂପୃକ୍ତ ରୋଗରେ ପୀଡିତ ବ୍ୟକ୍ତିଙ୍କୁ ଆଚାର, ବ୍ୟବହାର, ଖାଦ୍ୟପେୟ ଓ ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବାକୁ ବିଭିନ୍ନ କୌଶଳ ବତାଇଥିଲେ। ସ୍ଥାନୀୟ ଆଶାଦିଦିଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରରେ ବହୁ ସଂଖ୍ୟାରେ ବୟୋବୃଦ୍ଧ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ୮୦ରୁ ଉର୍ଦ୍ଧ୍ୱ ପୀଡିତଙ୍କ ରକ୍ତଚାପ ଓ ଶର୍କରା ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା।

# ହିଣ୍ଡାଲ୍‌କୋ ପକ୍ଷରୁ ଶୌଚାଳୟ ନିର୍ମାଣ



ଶୌଚାଳୟକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

**ସମ୍ବଲପୁର,୧୭।୬(ବ୍ୟୁରୋ)**

ହିଣ୍ଡାଲ୍‌କୋ ପକ୍ଷରୁ ହୀରାକୁଦ ବରିଷ୍ଠ ନାଗରିକ ସଂଗଠନ ପ୍ରାଙ୍ଗଣରେ ଶୌଚାଳୟ ନିର୍ମାଣ କରାଯାଇଛି। କମ୍ପାନୀର ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ବ୍ୟବହାର ସକାଶେ ବରିଷ୍ଠ ନାଗରିକ ପରିଷଦର କର୍ମକର୍ତ୍ତାଙ୍କୁ ହସ୍ତାନ୍ତର କରିଥିଲେ। କାର୍ଯ୍ୟକ୍ରମରେ ହିଣ୍ଡାଲ୍‌କୋର ନିରାପତ୍ତା ବିଭାଗର ମହାପ୍ରବନ୍ଧକ କର୍ଣ୍ଣେଲ ସନ୍ଦିପ ତିୱାରୀ, ପାରିପାର୍ଶ୍ୱିକ ଉନ୍ନୟନ ବିଭଗର ମୁଖ୍ୟ ସୁକାନ୍ତ ମହାପାତ୍ର ଯୋଗ ଦେଇଥିଲେ। ବରିଷ୍ଠ ନାଗରିକ ପରିଷଦର ସଭାପତି ସୁରେନ୍ଦ୍ର ଚୌବେ ଓ ସମ୍ପାଦକ ମଧୁସୂଦନ ଦାସଙ୍କ ସମେତ ଅଧିକାରୀ ଓ ସଭ୍ୟମାନେ ଉପସ୍ଥିତ ଥିଲେ । ହିଣ୍ଡାଲ୍‌କୋ କ୍ଲଷ୍ଟର ମୁଖ୍ୟ କୈଳାସ ନାଥ ପାଣ୍ଡେଙ୍କ ନେତୃତ୍ୱରେ ଉନ୍ନୟନମୂଳକ କାର୍ଯ୍ୟ ଜାରି ରହିବ ବୋଲି ମୁଖ୍ୟଅତିଥି ପାଢ଼ୀ ସୂଚନା ଦେଇଥିଲେ। ହିଣ୍ଡାଲ୍‌କୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ସରୋଜ କୁମାର ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲା କଂଗ୍ରେସର ବିକ୍ଷୋଭ

**ସମ୍ବଲପୁର,୧୭।୬(ବ୍ୟୁରୋ)**





କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ଦିଲ୍ଲୀ ପୋଲିସ ପ୍ରତିହିଂସା ପରାୟଣ ହୋଇ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) କାର୍ଯ୍ୟାଳୟରେ ପ୍ରବେଶ କରିବା ଘଟଣା ନିନ୍ଦନୀୟ। ଏହାସହ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରାହୁଲ ଗାନ୍ଧୀଙ୍କୁ ଆକ୍ରୋଶମୂଳକ ଭାବେ ଜେରା କରୁଛି। ଏହାକୁ ବନ୍ଦ କରା ନ ଗଲେ ଆଗାମୀ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଜିଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ମୁଖ୍ୟ ଡାକ ଅଫିସ ସମ୍ମୁଖରେ ବିକ୍ଷୋଭ କରି କର୍ମକର୍ତ୍ତାମାନେ ଚେତାବନୀ ଦେଇଥିଲେ। ଦେଶରେ ବେରୋଜଗାର ବୃଦ୍ଧି ପାଇଛି। ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ପାଳନ କରୁ ନାହାନ୍ତି। ଦରଦାମ ଆକାଶ ଛୁଆଁ ହୋଇଛି। ଅନେକ ବ୍ୟବସାୟୀ ବ୍ୟବସାୟ ବନ୍ଦ କରିଦେଇଛନ୍ତି। ଏହାକୁ ନେଇ କଂଗ୍ରେସ ଓ ଜନସାଧାରଣ ଆନ୍ଦୋଳନ କଲେ ଭୟଭୀତ କରିବା ପାଇଁ ପୋଲିସ ଓ ସରକାରୀ ଏଜେନ୍ସି ଲଗାଇ ଧମକ ଦିଆଯାଉଛି। ଯେତେ ଚାପ ପକାଇଲେ ମଧ କଂଗ୍ରେସ ପଛକୁ ହଟିବନାହିଁ ବୋଲି କର୍ମକର୍ତ୍ତା କହିଥିଲେ। ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ, ଜିତେନ୍ଦ୍ର ପ୍ରଧାନ, ସୁତପା ମିତ୍ର, ବିଜୟଲକ୍ଷ୍ମୀ ବେହେରା, ସଞ୍ଜିବ ଗଡିଆ, ଏମ୍‌ଡି ଅକବର, ଏମ୍‌ଡି ମୁକ୍ତାର, କବିତା ପଟ୍ଟନାୟକ, ବିନୋଦିନୀ ଦୀପ, ଜସବିର ସିଂ, ଶିବ ପ୍ରଧାନ, ରଶ୍ମି ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ମୃତା ଶିକ୍ଷୟିତ୍ରୀଙ୍କ ପରିବାରକୁ ସଂଘର ସହାୟତା

**ନାକଟିଦେଉଳ,୧୭।୬(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ପାଣିମୁରା ଉନ୍ନୀତ ଉଚ୍ଚବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିବା ଜ୍ୟୋତ୍ସ୍ନା ମଲ୍ଲିକଙ୍କ ଗତ ୧୦ ତାରିଖରେ ମୃତ୍ୟୁ ଘଟିଥିବା ବେଳେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ତାଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ମୃତା ଶିକ୍ଷୟିତ୍ରୀ ହେଉଛନ୍ତି ପୋଡ଼ାମାଳ ୟୁଜିୟୁପି ସ୍କୁଲ ଶିକ୍ଷକ ଅଶୋକ କୁମାର ନାଏକଙ୍କ ଧର୍ମପତ୍ନୀ। ସେମାନଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ଗୁରୁବାର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସଭାପତି ଅଚ୍ୟୁତାନନ୍ଦ ପ୍ରଧାନ ପୋଡ଼ାମାଳସ୍ଥିତ ତାଙ୍କ ବାସଭବନକୁ ଯାଇ ଶୋକସନ୍ତପ୍ତ ପରିବାର ବର୍ଗକୁ ସମବେଦନା ଜଣାଇବା ସହ ଅଶୋକଙ୍କୁ ୧୦ହଜାର ଟଙ୍କା ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିଥିଲେ। ଏହି ଅବସରରେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ କୋଷାଧ୍ୟକ୍ଷ ଅଜିତ କୁମାର ପ୍ରଧାନ, ପାଣିମୁରା ସିଆର୍‌ସିସି ଅଶ୍ୱତ୍‌ଥମା ଗଡ଼ତ୍ୟା, ରଞ୍ଜା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉଗ୍ରେସନ କୁଲସରୀ ପ୍ରମୁଖ ଉପସ୍ଥିତ ଥିଲେ।



ମୃତା ଶିକ୍ଷୟିତ୍ରୀଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଉଛି।

# ଡାକ୍ତର, ସୁରକ୍ଷାକର୍ମୀଙ୍କୁ ଆକ୍ରମଣ

**୩ ଅଟକ, ଥାନା ଘେରାଉ**

**କୁଚିଣ୍ଡା, ୧୭।୬(ଡି.ଏନ.ଏ.)**

କୁଚିଣ୍ଡା ଉପଖଣ୍ଡ ମେଡିକାଲକୁ ଚିକିତ୍ସା ପାଇଁ ଆସିଥିବା ରୋଗୀଙ୍କ ସମ୍ପର୍କୀୟ କାର୍ଯ୍ୟରତ ସୁରକ୍ଷାକର୍ମୀ ଓ ଡାକ୍ତରଙ୍କୁ ଆକ୍ରମଣ କରିବା ଅଭିଯୋଗରେ କୁଚିଣ୍ଡା ପୋଲିସ ୩ଜଣଙ୍କୁ ଅଟକ ରଖିଛି। ହେଲେ ଚିକିତ୍ସା କରୁଥିବା ଡାକ୍ତର ଓ ସୁରକ୍ଷାକର୍ମୀଙ୍କୁ ମାଡ଼ ମାରିଥିବା ଅନ୍ୟତମ ମୁଖ୍ୟ ସୂତ୍ରଧର ଯୁବକଙ୍କୁ ଗିରଫ ଦାବିରେ ଉତ୍ତ୍ୟକ୍ତ ଲୋକେ ଥାନା ଘେରାଉ କରିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର କୁଚିଣ୍ଡା ଏନ୍‌ଏସି ୱାର୍ଡ ନଂ.୪ର ୨-୩ଜଣ ଯୁବକ ବାଇକ୍ ଦୁର୍ଘଟଣାରେ ଆହତ ହୋଇ କୁଚିଣ୍ଡା ଉପଖଣ୍ଡ ମେଡିକାଲକୁ ଚିକିତ୍ସା ପାଇଁ ଆସିଥିଲେ। ସେଠାରେ ଅନ୍ୟ ରୋଗୀଙ୍କ ଭିଡ ଥିବାରୁ ଆହତ ଯୁବକମାନେ କୁଆଡେ ପାଟିତୁଣ୍ଡ କରିଥିଲେ। କାର୍ଯ୍ୟରତ ସୁରକ୍ଷାକର୍ମୀ ବାରଣ କରିବାରୁ ତାଙ୍କୁ ସେମାନେ ଆକ୍ରମଣ କରିଥିଲେ। ଏହା ଦେଖି ଡା. ସୁଦୀପ୍ତ କୁମାର ନାଏକ ଆକ୍ରମଣକରୀଙ୍କୁ ମନା କରିବା ବେଳେ ଠେଲାପେଲା ମଧ୍ୟରେ ଦୁଃଖବନ୍ଧୁ ସୁନାର ନାମକ ଯୁବକ ତଳେ ପଡିଯାଇ ତାଙ୍କ ମୁଣ୍ଡରୁ ରକ୍ତସ୍ରାବ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସାଙ୍ଗରେ ଆସିଥିବା ସମ୍ପର୍କୀୟ ଯୁବକମାନେ ଡାକ୍ତରଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଖବର ପାଇ କୁଚିଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି କୁଚିଣ୍ଡା ୱାର୍ଡ ନଂ୪ର ୩ଜଣ ଯୁବକଙ୍କୁ ଥାନାକୁ ଆଣି ଅଟକ ରଖିଥିବା ଜଣାଯାଇଛି। ଡା. ନାଏକ ୱାର୍ଡ ନଂ୪ରେ ରହୁଥିବାରୁ ପଡାବାସୀଙ୍କ ସହ ସୁସମ୍ପର୍କ ଗଢିଉଠିଛି। ତେଣୁ ତାଙ୍କୁ ଆକ୍ରମଣ କରିବା ଘଟଣାକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଏହାକୁ ନେଇ ସନ୍ଧ୍ୟାରେ ଶତାଧିକ ଲୋକ କୁଚିଣ୍ଡା ଥାନା ଘେରାଉ କରି ଫେରାର ଥିବା ଅନ୍ୟତମ ମୁଖ୍ୟ ଆକ୍ରମଣକାରୀଙ୍କୁ ଗିରଫ ଦାବି କରିଥିଲେ। ଆଇଆଇସି ଶୋଭାକର ସେଠ ତଦନ୍ତ କରି ଖୁବଶୀଘ୍ର ଫେରାର ଯୁବକଙ୍କୁ ଗିରଫ କରିବାର ପ୍ରତିଶ୍ରୁତି ଦେବାପରେ ଥାନା ଘେରାଉ କରିଥିବା ଲୋକେ ଫେରିଯାଇଥିଲେ। ଏ ନେଇ କୁଚିଣ୍ଡା ଥାନାରେ ଆଇପିସି ଦଫା ୩୪୧/୩୩୭/୩୫୩/୪୪୮/୩୪ରେ ମାମଲା (ନଂ୧୧୦/୨୨) ରୁଜୁ ହୋଇଛି।



ଥାନା ଘେରାଉରେ ସାମିଲ ମହିଳାପୁରୁଷ।

## ସଂକ୍ଷେପରେ

### କରମଡ଼ିହି ସାପ୍ତାହିକ ବଜାରରେ ଦୋକାନ ଗୃହ ନିର୍ମାଣକୁ ବିରୋଧ



**ସବ୍‌ଡେଗା,୧୭।୬(ଡି.ଏନ୍.ଏ):** ସୁନ୍ଦରଗଡ଼ ଜିଲା ସବ୍‌ଡେଗା ବ୍ଲକ ଅନ୍ତର୍ଗତ କରମଡିହି ଛକରେ ଥିବା ବଜାରଡାଣ୍ଡରେ ନୂତନ ଦୋକାନ ଗୃହ ନିର୍ମାଣକୁ ବିରୋଧ କରାଯାଇଛି। ଏନେଇ ପଞ୍ଚାୟତବାସୀଙ୍କ ତରଫରୁ ସବ୍‌ଡେଗା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ଲିଖିତ ଭାବେ ଜଣାଇ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ ସକାଶେ ଦାବି କରାଯାଇଛି। ପଞ୍ଚାୟତବାସୀ ଏଥିରେ ଦର୍ଶାଇଛନ୍ତି ଯେ, ରାଜ୍ୟ ରାଜପଥ-୧୦ ଏକ୍ସପ୍ରେସ ୱେର ଏହି କରମଡହି ଛକ ଏକ ପ୍ରମୁଖ ସ୍ଥାନ ହୋଇଥିଲାବେଳେ ଏଠାରେ ଦିନକୁ ଦିନ ଅଧିକ ଭିଡ ହେଉଛି। ଛକରେ କମ ଜାଗାଥିବା ବେଳେ ରାସ୍ତା ଉପରେ ଅନେକ ଲୋକ ଠେଲା ଓ ଉଠାଦୋକାନ ଲଗାଉଛନ୍ତି। ଫଳରେ ଅନେକ ସମୟରେ ଛୋଟବଡ ଦୁର୍ଘଟଣା ଘଟୁଛି। ଏଠାରେ ନୂତନ ଦୋକାନ ଗୃହ ନିର୍ମାଣ ହେଲେ ଟ୍ରାଫିକ ସମସ୍ୟା ଅଧିକ ଜଟିଳ ହେବ।

### ଗୋପବନ୍ଧୁ ଦାସଙ୍କ ତିରୋଧାନ ଦିବସ ପାଳିତ

**ରାଉରକେଲା ଅଫିସ,୧୭।୬:** ରାଉରକେଲା ସେକ୍ଟର-୧୯ ସ୍ଥିତ ଆମ୍ବାଗାନ ଛକରେ ଥିବା ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଓଡ଼ିଆ ଭାଷା ବିକାଶ ମଞ୍ଚ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁଙ୍କ ତିରୋଧାନ ଦିବସ ପାଳିତ ହୋଇଛି। ମଞ୍ଚର ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଡକ୍ଟର ସମୁନ ଦତ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୋପବନ୍ଧୁଙ୍କ ସ୍ମୃତିଚାରଣ କରିଥିଲେ। କବି କୁଞ୍ଜ ବିହାରୀ ରାଉତ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପରେ ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଗୋପବନ୍ଧୁଙ୍କୁ ମାଲ୍ୟାର୍ପଣ କରାଯାଇଥିଲା। ଶରତ ଚନ୍ଦ୍ର ପଣ୍ଡା, ଶୁଶାନ୍ତ କୁମାର ନୟକ, ଗଙ୍ଗାଧର ପୁହାଣ, ପ୍ରଫୁଲ୍ଲ କୁମାର ସମାଲ ପ୍ରମୁଖ ସହଯୋଗ କରିଥିଲେ। ଚନ୍ଦ୍ରଶେଖର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ।



ରାଉରକେଲା ଆମ୍ବାଗାନ ଛକରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

### ବଜ୍ରପାତରେ ୩ ଗୁରୁତର

**କୁଆଁରମୁଣ୍ଡା,୧୭।୬(ଡି.ଏନ୍.ଏ.):** ଶୁକ୍ରବାର ମଧ୍ୟାହ୍ନରେ ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଓ ଏହାର ଆଖପାଖ ଅଞ୍ଚଳରେ ପ୍ରାୟ ୧ଘଣ୍ଟା ଧରି ଘଡଘଡି ସହ ପ୍ରବଳ ବର୍ଷା ହୋଇଥିଲା। ଏହି ସମୟରେ କୋଏଲ ନଦୀ ପାର୍ଶ୍ୱ ଚଇନପୁର ଗ୍ରାମର ୩ଜଣ ବ୍ୟକ୍ତି ବର୍ଷା ଓ ଘଡ଼ଘଡ଼ି ସମୟରେ ଏକ ବରଗଛମୂଳେ ଆଶ୍ରୟ ନେଇଥିଲେ। ବଜ୍ରପାତ ହେବାରୁ ୩ଜଣ ଗୁରୁତର ହୋଇ ତଳେ ପଡ଼ିଯାଇଥିଲେ। ସେମାନେ ହେଲେ ଗୋପବନ୍ଧୁ ରାଉତ(୨୮), ଝମନ ବେହେରା(୫୨) ଓ ବାହ୍ନୁ ଠେଲା(୪୫)। ବର୍ଷା ଛାଡିବା ପରେ ଅଚେତ୍ ଅବସ୍ଥାରେ ସେମାନଙ୍କୁ ଗ୍ରାମବାସୀ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ସେମାନଙ୍କର ଚିକିତ୍ସା କରାଯିବାରୁ ଗୋପବନ୍ଧୁ ଓ ବାହ୍ନୁ ସୁସ୍ଥ ହୋଇଥିବାବେଳେ ଝମନଙ୍କ ଅବସ୍ଥା ଗୁରୁତର ଅଛି। ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯିବ ବୋଲି ଜଣାପଡିଛି। ଏହି ସମୟରେ କୁଆଁରମୁଣ୍ଡା ସରପଞ୍ଚ ତଥା ବିଜେଡ଼ି ବ୍ଲକ ସଭାପତି ରାଜେଶ ହାଁସଦା କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ବଜ୍ରପାତରେ ଆହତଙ୍କ ଅବସ୍ଥା ପଚାରି ବୁଝିବା ସହ ଗୁରୁତର ଆହତ ଝମନଙ୍କୁ ଆର୍‌ଜିଏଚ୍ ପଠାଇବା ପାଇଁ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ।

# ମହୁଲରୁ ପ୍ରସ୍ତୁତ ହେଉଛି ଔଷଧୀୟ ଖାଦ୍ୟ

**ସୁନ୍ଦରଗଡ଼, ୧୭।୬(ଡି.ଏନ୍.ଏ.)**



କଞ୍ଚା ମହୁଲଫୁଲ।



ଶୁଖିଲା ମହୁଲଫୁଲ।

ମହୁଲ ଫୁଲରୁ ସାଧାରଣତଃ ମଦ ପ୍ରସ୍ତୁତ ହୋଇଥାଏ। ମାତ୍ର ଏବେ ସୁନ୍ଦରଗଡ଼ ଜିଲାରେ ମହୁଲ ଫୁଲରୁ ଔଷଧୀୟ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ହେଉଛି। ମହୁଲ ଫୁଲର ବିଶେଷ ଆଦର ନ ଥାଏ। ଏହା ବିଶେଷ କରି ଆଦିବାସୀ ତଥା ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଲୋକଙ୍କ ଜୀବନ ଜୀବିକାର ଅନ୍ୟ ଏକ ମାଧ୍ୟମ। ମହୁଲ ଫୁଲର କୌଣସି ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତି ନ ଥିବାରୁ ଆଦିବାସୀମାନେ ଏହାର ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ଏବେ ମହୁଲ ଫୁଲରୁ ଔଷଧୀୟ ଖାଦ୍ୟ ପ୍ରସ୍ତୁତ ହେଉଥିବାରୁ ମହୁଲ, ମହୁଲଫୁଲର ଚାହିଦା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଏହି ପରିପ୍ରେକ୍ଷୀରେ 'ସ୍ଫୁର୍ତ୍ତି ଯୋଜନା ଅନୁଯାୟୀ ସୁନ୍ଦରଗଡ଼ ଜିଲା କିର୍ଣ୍ଣିମା ଠାରେ ବାମଣ୍ଡା ଟ୍ରାଇବାଲ ଟ୍ରଷ୍ଟ ମହୁଲରୁ ବିଭିନ୍ନ ଉତ୍ପାଦ ପାଇଁ ଅନୁମତି ପାଇଛି। ବାମଣ୍ଡା ଟ୍ରାଇବାଲ ଟ୍ରଷ୍ଟର ଡାଇରେକ୍ଟର ଡା. ମନୋଜ ପଟେଲ ଦୀର୍ଘ ବର୍ଷ ଧରି ମହୁଲ ଫୁଲ ଉପରେ ଗବେଷଣା କରିଛନ୍ତି। ସେ ୨୦୧୨ମସିହାରୁ ଦିଲ୍ଲୀ ଆଇଆଇଟିରେ ଗବେଷଣା କରିଛନ୍ତି। ତାଙ୍କ ଠାରୁ ଟ୍ରେନିଂ ନେଇ ତାଙ୍କ ଛାତ୍ରମାନେ ବୁର୍ଲା, ଭୁବନେଶ୍ୱର, ରାଉରକେଲାଠାରେ ମହୁଲ, ମହୁଲଫୁଲରୁ ବିସ୍କୁଟ, ଚକଲେଟ, ଜେଲି, ଜାମ, ଭିଟାମିନ ଯୁକ୍ତ ଲଡୁ ଓ ବିଭିନ୍ନ ଔଷଧୀୟ ଦ୍ରବ୍ୟ ତିଆରି କରୁଛନ୍ତି। ଏହାର ଅଧିକାଂଶ ଉତ୍ପାଦିତ ସାମଗ୍ରୀ ବିଦେଶକୁ ରପ୍ତାନି ହେଉଥିବା ନେଇ ସୂଚନା ଦେଇଛନ୍ତି। ଏହି ମହୁଲ ଫୁଲରୁ ତିଆରି ହେଉଥିବା ସାମଗ୍ରୀ ବ୍ୟବହାର କଲେ, ଆଣ୍ଠୁ ଗଣ୍ଠି, ଗ୍ୟାଷ୍ଟ୍ରିକ, ରକ୍ତହୀନତା ସହ ଅନେକ ରୋଗ ଦୂର ହୋଇଥାଏ ବୋଲି ସେ ପ୍ରମାଣ ସହ ଦାବି କରିଛନ୍ତି। ତାଙ୍କୁ ପ୍ରୋତ୍ସାହିତ କରାଗଲେ ସେ ମହୁଲରୁ ଆହୁରି ଅଧିକ ଔଷଧୀୟ ଖାଦ୍ୟ ପ୍ରସ୍ତୁତ କରିପାରିବେ। ଯାହା ଫଳରେ ଅଲୋଡ଼ା ହେଉଥିବା ମହୁଲର ଚାହିଦା ବଢିବା ସହ ସଂଗ୍ରହକାରୀ ଉପଯୁକ୍ତ ମୂଲ୍ୟ ମଧ୍ୟ ପାଇପାରିବେ।

## ବିଜୟୀ ହେବାକୁ ଅଙ୍କକଷା

**ଦିନକ ପରେ ଅର୍ବାନ କୋଅପରେଟିଭ ବ୍ୟାଙ୍କ ନିର୍ବାଚନ**

**ରାଉରକେଲା ଅଫିସ,୧୭।୬**

ରାଉରକେଲା ଅର୍ବାନ କୋଅପରେଟିଭ ବ୍ୟାଙ୍କ ନିର୍ବାଚନ ରବିବାର ଅନୁଷ୍ଠିତ ହେବ। ୧୫ ଜଣ ନିର୍ଦ୍ଦେଶକ ପଦବୀ ପାଇଁ ଦିଲୀପ ମହାପାତ୍ରଙ୍କ ପ୍ୟାନେଲରୁ ୩ ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଆଉ ଦିନକ ପରେ ନିର୍ବାଚନ ହେବ। ଆଦିତ୍ୟ ମହାପାତ୍ର ପ୍ୟାନେଲରେ ସଭାପତି ପ୍ରାର୍ଥୀ କିଏ ହେବ ସେ ନେଇ କୌଣସି ନାମ ପ୍ରକାଶ ପାଇ ନ ଥିବାବେଳେ ତାଙ୍କ ଅଂଶୀଦାରଙ୍କ ମଧ୍ୟରେ ନାନା ପ୍ରଶ୍ନ ସୃଷ୍ଟି ହୋଇଛି। ଆଦିତ୍ୟ ମହାପାତ୍ର ପ୍ୟାନେଲରେ ଆଦିତ୍ୟ ନିଜେ ସଭାପତି ପ୍ରାର୍ଥୀ ହେବାକୁ ଥିବାବେଳେ ଟିଏ ବିଲ୍‌ର ବକେୟା ଖିଲାପକାରୀ ହିସାବରେ ତାଙ୍କ ନାମକୁ ଖାରଜ କରାଯାଇଛି। ଅନ୍ୟପକ୍ଷେ ଦିଲୀପ ମହାପାତ୍ରଙ୍କ ମାଠିଆ ଚିହ୍ନ ୩ଟି ୱାର୍ଡରେ ବିଜୟୀ ହେବା ପରେ ଗତ ୧୩ ତାରିଖରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ ଉକ୍ତ ପ୍ୟାନେଲକୁ ସମର୍ଥନ ଜଣାଇଛନ୍ତି। ସେହିପରି ଦିଲୀପ ମହାପାତ୍ରଙ୍କ ପ୍ୟାନେଲକୁ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ସମର୍ଥନ ଜଣାଇ ଅବଶିଷ୍ଟ ୧୨ ଜଣ ପ୍ରାର୍ଥୀଙ୍କୁ ବିଜୟ ମନ୍ତ୍ର ପ୍ରଦାନ କରିଛନ୍ତି। ଅନ୍ୟପକ୍ଷେ ଏହି ପ୍ୟାନେଲକୁ ସହରର ବିଭିନ୍ନ ସଙ୍ଗଠନ, ବୁଦ୍ଧିଜୀବୀ, ଚ୍ୟାମ୍ବର ଅଫ୍ କମର୍ସର ସଭାପତିଙ୍କ ସମର୍ଥନ ରହିଥିବା ଜଣାପଡ଼ିଛି। ମାଠିଆ ଚିହ୍ନ ପ୍ୟାନେଲକୁ ଅର୍ବାନ କୋଅପରେଟିଭ ବ୍ୟାଙ୍କର ପୂର୍ବତନ ସଭାପତି ରାଜେଶ ମହାପାତ୍ରଙ୍କ ମଧ୍ୟ ସମର୍ଥନ ରହିଛି। ରାଜେଶ ସଭାପତି ଥିବା ସମୟରେ ରାଉରକେଲା ଅର୍ବାନ କୋଅପରେଟିଭ ବ୍ୟାଙ୍କରେ ଏନ୍‌ପିଏ ହ୍ରାସ, ଜମାରାଶି ବୃଦ୍ଧି, ଶକ୍ତିନଗର ବ୍ରାଞ୍ଚକୁ ଆମ୍ବାଗନକୁ ସ୍ଥାନାନ୍ତର, ଡେଲି ମାର୍କେଟ ଓ ରାଜଗାଙ୍ଗପୁର ଶାଖାକୁ ନୂତନତ୍ୱ କରିବା, ଅର୍ବାନ ବ୍ୟାଙ୍କକୁ ସମୃଦ୍ଧ ଓ ବ୍ୟାଙ୍କ ସ୍ୱାସ୍ଥ୍ୟବୃଦ୍ଧିରେ ସହାୟକ ହୋଇଥିଲା। ଦିଲୀପଙ୍କ ପ୍ୟାନେଲକୁ ତାଙ୍କ ସମର୍ଥନ ରହିଥିବାରୁ ପ୍ରାର୍ଥୀମାନେ ନିଜ ନିଜ ବିଜୟ ନେଇ ଅଙ୍କ କଷୁଛନ୍ତି।

## କୁତ୍ରାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶୁଭାରମ୍ଭ



ଫିତାକାଟି କୁତ୍ରାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶୁଭାରମ୍ଭ କରାଯାଉଛି।

**କୁତ୍ରା, ୧୭।୬(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ବହୁ ପ୍ରତିକ୍ଷୀତ ଓଡିଶା ଆଦର୍ଶ ବିଦ୍ୟାଳୟର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯେହେତୁ ଓଡିଶା ଆଦର୍ଶ ବିଦ୍ୟାଳୟର ନିଜସ୍ୱ କୋଠା ନିର୍ମାଣ କାର୍ଯ୍ୟ ସରିନାହିଁ, ସେଥିପାଇଁ ଏହା କୁତ୍ରା ଉଚ୍ଚ ବିଦ୍ୟାଳୟ ପରିସରରେ ଆରମ୍ଭ କରାଯାଇଥିବା ବିଇଓ କହିଛନ୍ତି। ଉକ୍ତ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀ ପାଇଁ ୭୯ ଛାତ୍ରୀଛାତ୍ର ଥିବାବେଳେ ପ୍ରଥମ ଦିନରେ ୬୦ ଛାତ୍ରୀଛାତ୍ର ବିଦ୍ୟାଳୟ ଆସିଥିବା ଦେଖିବାକୁ ମିଳିଛି। ପ୍ରଥମେ କୁତ୍ରା ବିଇଓ ଗୁରୁଚରଣ ସାହୁ, କୁତ୍ରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ ଓ କୃତୀ ଶିକ୍ଷକ ବିଭୀଷଣ ବାରିକ ମିଳିତ ଭାବେ ଫିତାକାଟି ଏହାର ଶୁଭାରମ୍ଭ କରିଥିଲେ। ତାପରେ ଛାତ୍ରୀଛାତ୍ରଙ୍କୁ ଫୁଲଚନ୍ଦନ ଦେଇ ବିଦ୍ୟାଳୟ ଭିତରକୁ ପ୍ରବେଶ କରାଯାଇଥିଲା। ସମସ୍ତଙ୍କୁ ଗୋଟିଏ ଲେଖାଁଏ ଖାତା ଓ କଲମ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ସିଆରସିସିଙ୍କ ସମେତ ଅଭିଭାବକ ପିତାମାତା ଉପସ୍ଥିତ ଥିଲେ। ସରକାରଙ୍କ ଏହି ପଦକ୍ଷେପକୁ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଛି। ଏହାଦ୍ୱାରା କୁତ୍ରା ବ୍ଲକ ଶିକ୍ଷା କ୍ଷେତ୍ରରେ ଆଗକୁ ଯିବା ପାଇଁ ପିଲାମାନେ ସୁଯୋଗ ପାଇପାରିବେ। ପ୍ରକାଶ ଥାଉକି, ଓଡିଶା ଆଦର୍ଶ ବିଦ୍ୟାଳୟ ପ୍ରଥମେ କୁତ୍ରା ବ୍ଲକ ଅନ୍ତର୍ଗତ ଜ୍ଞାନପାଲିଠାରେ ହେବାକୁ ଥିଲା। କିନ୍ତୁ ସେଠାରେ କିଛି ଲୋକଙ୍କ ବିରୋଧ ଯୋଗୁ ଏହି ଅନୁଷ୍ଠାନର କାର୍ଯ୍ୟବନ୍ଦ ହୋଇ ପଡିରହିଥିଲା। ପରବର୍ତ୍ତୀ ସମୟରେ ଜିଲା ପ୍ରଶାସନ ବୁଡାକଟାକୁ ସ୍ଥାନାନ୍ତରିତ କରିଛନ୍ତି। ଗତ ୨ବର୍ଷ ହେବ ନିର୍ମାଣ କାର୍ଯ୍ୟ ଚାଲିଛି। ତେବେ ନିର୍ମାଣ କାର୍ଯ୍ୟ କଚ୍ଛପ ଗତିରେ ଚାଲିଥିବାରୁ ବର୍ତ୍ତମାନ ସୁଦ୍ଧା ଛାତ ପଡିପାରିନାହିଁ। ଯେହେତୁ ବର୍ତ୍ତମାନ ବିଦ୍ୟାଳୟ ଖୋଲିଯାଇଛି ତେଣୁ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଅଭିଭାବକ ଦାବି କରିଛନ୍ତି। ବିଦ୍ୟାଳୟ ନିଜ ସ୍ଥାନରେ ଚାଲିଲେ ଛାତ୍ରୀଛାତ୍ର ତାର ଆହୁରି ଲାଭ ପାଇପାରିବେ।

**ଦିନକ ପରେ ଅର୍ବାନ କୋଅପରେଟିଭ ବ୍ୟାଙ୍କ ନିର୍ବାଚନ**

## ଆର୍‌ଆଇ କାର୍ଯ୍ୟାଳୟରେ କାମ ବାଧାପ୍ରାପ୍ତ, ଲୋକେ ହଇରାଣ

**ରାଜଗାଙ୍ଗପୁର, ୧୭।୬(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଏକ ଆଦିବାସୀ ଅଧ୍ୟୁସିତ ଅଞ୍ଚଳ। ଏଠାରେ ଥିବା ଆରଆଇ କାର୍ଯ୍ୟାଳୟର ବିଦ୍ୟୁତ୍ ବିଲ୍ ବକେୟା ଥିବାରୁ ଲାଇନ କାଟିଦିଆଯାଇଛି। ଫଳରେ ଅଧିକାଂଶ କାମ ବାଧାପ୍ରାପ୍ତ ହେଉଛି। ସାଧାରଣ ଜନତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

## ଏସ୍‌ପିଙ୍କୁ ଭାଜପା କାଉନସିଲରଙ୍କ ସ୍ମାରକପତ୍ର

**ପୌର ପରିଷଦ ଦୁର୍ନୀତିରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**

**ଦେବଗଡ଼,୧୭।୬ (ଡି.ଏନ୍.ଏ.)**

ଦେବଗଡ଼ ପୌରପରିଷଦ ଦୁର୍ନୀତିରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଶୁକ୍ରବାର ଭାଜପା କାଉନସିଲରମାନେ ଏସ୍‌ପିଙ୍କୁ ସ୍ମାରକପତ୍ର ଦେଇଛନ୍ତି। ପୌର ପରିଷଦର ଅବସରପ୍ରାପ୍ତ କର୍ମଚାରୀ ଜଗ ମୁଣ୍ଡାଙ୍କ ବକେୟା ଅର୍ଥ ହଡପ ଘଟଣାରେ ଚର୍ଚ୍ଚା ଜୋର ଧରିଛି। ଏହି ଘଟଣା ନେଇ ଦେବଗଡ଼ ପୌର ପରିଷଦ ଅଶାନ୍ତ ହୋଇ ପଡିଥିବାବେଳେ ଅର୍ଥ ହଡପ ପରେ ଫେରାର ହୋଇଥିବା ଆକାଉଣ୍ଟାଣ୍ଟ ବିନୋଦ ନାଗଙ୍କୁ ଗିରଫ ଦାବି କରାଯାଇଛି। ଏହାସହ ପୌର ନିର୍ବାହୀ ଅଧିକାରୀ ଅତସୀ ପରିଡା, ଜଗ ମୁଣ୍ଡାଙ୍କ ବ୍ୟାଙ୍କ ଆକାଉଣ୍ଟ ବଦଳରେ ଯେଉଁ ୨ଜଣଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଇଛି ସେହି ଦୁଇ ଜଣ ବ୍ୟକ୍ତି ଭୁବନ ମୋହନ ନାଏକ ଓ ଅମୃତି ସାହୁଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଭାଜପା କାଉନସିଲରମାନେ ଦାବି କରିଛନ୍ତି। ଉପନଗରପାଳ ପ୍ରଜିତ କୁମାର ଭୋଜଙ୍କ ନେତୃତ୍ୱରେ ଭାଜପା କାଉନସିଲରମାନେ ଦେବଗଡ଼ ଆରକ୍ଷୀ ଅଧୀକ୍ଷକ (ଏସ୍‌ପି)ଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡିଛି। ପୂର୍ବାହ୍ନରେ ସ୍ୱାଧୀନ କାଉନସିଲର ଧର୍ମେନ୍ଦ୍ର କୁମାର ଦେବତା, ଭାଜପା କାଉନସିଲର କାର୍ତ୍ତିକ ମହାକୁଳ, ମଧୁସୂଦନ ବାଗ, ଇତିଶ୍ରୀ ମିଶ୍ର, ସରୋଜିନୀ ମୁଣ୍ଡା ଓ ପିଙ୍କି ସାହୁ ଦେବଗଡ଼ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଆସି ଏ ମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରିବା ସହ ଜଗ ମୁଣ୍ଡା ଦେଇଥିବା ଏତଲାକୁ ଭିତିକରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ।




ଦେବଗଡ଼ ଏସ୍‌ପିଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା କାଉନସିଲରମାନେ।

## ଇଡି କାର୍ଯ୍ୟକଳାପ ବିରୋଧରେ କଂଗ୍ରେସର ବିକ୍ଷୋଭ

**ରାଉରକେଲା ଅଫିସ,୧୭।୬**

କେନ୍ଦ୍ରର ଭାଜପା ସରକାର ଯେପରି ପ୍ରତିଶୋଧ ରାଜନୀତି କରି ଗତ କିଛିଦିନ ହେବ ସରକାରୀ ସଂସ୍ଥା ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ଜରିଆରେ କଂଗ୍ରେସର ଶୀର୍ଷ ନେତା ରାହୁଲ ଗାନ୍ଧୀଙ୍କୁ ହଇରାଣ ହରକତ କରୁଛନ୍ତି ତାହ ଅତ୍ୟନ୍ତ ନିନ୍ଦନୀୟ ବୋଲି ରାଉରକେଲା ଜିଲା କଂଗ୍ରେସ ପକ୍ଷରୁ କୁହାଯାଇଛି। ଭାଜପା ସରକାରର ଏହି ପ୍ରତିଶୋଧ ରାଜନୀତିର ପ୍ରତିବାଦ କରିବାକୁ ଯାଇ ଶୁକ୍ରବାର ରାଉରକେଲା ଜିଲା କଂଗ୍ରେସ ପକ୍ଷରୁ ଉଦିତନଗର ସ୍ଥିତ ଆୟକର ଭବନ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା କଂଗ୍ରେସ ଉପସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ ପରିଚାଳନା କରିଥିଲେ। ବିରେନ ସେନାପତି, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ଜିଲା କଂଗ୍ରେସ ଉପସଭାପତି ସନ୍ତୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ପିସିସି ସାଧାରଣ ସମ୍ପାଦକ ରବି ରାୟ, ପୂର୍ବତନ ସମ୍ପାଦକ ଗଣେଶ ପ୍ରଧାନ, ସବୀର ହୁସେନ ଓ ରଶ୍ମିରଞ୍ଜନ ପାଢୀ, ପିସିସି ସଭ୍ୟା ପ୍ରଭାତୀ ମିଶ୍ର, ଏଆଇସିସି ସଭ୍ୟ ରାଜକୁମାର ଯାଦବ, ମହିଳା କଂଗ୍ରେସ ସଭାନେତ୍ରୀ ନିରୁପମା ବଳିୟାରସିଂ, ଯୁବ ସଭାପତି ଜ୍ଞାନେନ୍ଦ୍ର ଦାସ, ଡିସିସି ସାଧାରଣ ସମ୍ପାଦକ ସରୋଜ ଲେଙ୍କା ପ୍ରମୁଖ ବକ୍ତବ୍ୟ ରଖି ସମ୍ପ୍ରତି ଦେଶରେ ଆକାଶଛୁଆଁ ଦରଦାମ୍ ବୃଦ୍ଧି, ବେରୋଜଗାର ସାଙ୍ଗକୁ ଭାଜପା ନେତାମାନଙ୍କ ବିବାଦୀୟ ମନ୍ତବ୍ୟ ଯୋଗୁ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି ବୋଲି କହିଥିଲେ । ଏଥିରେ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ୬ ଅମାନିଆ ଗାଡି ଚାଳକ ଗିରଫ

**ରାଉରକେଲା ଅଫିସ,୧୭।୬**

ରାଉରକେଲା ଆଞ୍ଚଳିକ ପରିବହନ ବିଭାଗ ଓ ବ୍ରାହ୍ମଣୀତରଙ୍ଗ ପୋଲିସ ପକ୍ଷରୁ ମିଳିତ ଭାବେ ରାଉରକେଲା ସହରରେ ଅମାନିଆ ଗାଡ଼ି ଚାଳକଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଏହି କ୍ରମରେ ପୋଲିସ ଶୁକ୍ରବାର ୬ ଜଣ ଅମାନିଆ ଗାଡି ଚାଳକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜିତେନ୍ଦ୍ର ସିଂ(୨୩), ଇନ୍ଦ୍ର ପ୍ରକାଶ ମହାରଣା(୨୬), ମୁନା ସିଂ(୨୨), ଡଙ୍କ ହାସଁଦା(୪୦), ପ୍ରଣୟ ମହାରଣା(୩୨) ଓ ଅନିରୁଦ୍ଧ ସିଂ(୨୭)। ସେମାନଙ୍କଠାରୁ ୬୦,୩୧୨ ଟଙ୍କା ଜରିମାନା ଆଦାୟ କରାଯାଇଛି। ଶୁକ୍ରବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଦବ୍ୟାସ ଛକରେ ଗୁରୁବାର ରାତି ୮ଟାରୁ ୧୧ଟା ପର୍ଯ୍ୟନ୍ତ ହେଲମେଟ୍, ସିଟ୍ ବେଲଟ୍, ନିଶା ସେବନ କରି ଗାଡି ଚାଳନା ଯାଞ୍ଚ କରାଯାଇଥିଲା। ଏହି ସମୟରେ ନିଶା ସେବନ କରି ଗାଡି ଚଳାଉଥିବା ଅଭିଯୋଗରେ ପୋଲିସ ୬ ଜଣଙ୍କୁ ଗିରଫ କରିଥିଲା।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବଳଦ ମୃତ

**ନୂଆପଡ଼ା ଅଫିସ,୧୭।୬**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଦେଓଦର୍ହା ଗାଁର କେଶବ ଚିନ୍ଦାଙ୍କ ବଳଦ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଛି। ଶୁକ୍ରବାର ପୂର୍ବାହ୍ନରେ ବଳଦ ଜଙ୍ଗଲକୁ ଚରିବାକୁ ଯାଉଥିବା ବେଳେ ଟ୍ରାନ୍ସଫର୍ମରରେ ଲାଗି ଛଟପଟ ହୋଇ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ବିଦ୍ୟୁତ ବିଭାଗର ଅବହେଳା ଯୋଗୁ ହିଁ ଏପରି ଘଟଣା ଘଟି ଚାଲିଛି ବୋଲି ଅଭିଯୋଗ ହେଉଛି। ଟ୍ରାନ୍ସଫର୍ମରର ଚାରି ପାଖରେ ବାଡ଼ ନ କରି ମୁକୁଳା ରହିଥିବାରୁ ଅନେକ ଜୀବଜନ୍ତୁ ମୃତ୍ୟୁ ମୁଖରେ ପଡୁଛନ୍ତି।

# ସୁନ୍ଦରଗଡ଼, ଦେବଗଡ଼ରେ କଂଗ୍ରେସର ଗଣବିକ୍ଷୋଭ




ସୁନ୍ଦରଗଡ଼ରେ କଂଗ୍ରେସ କର୍ମକର୍ତ୍ତା ବିକ୍ଷୋଭ କରୁଛନ୍ତି।




ଦେବଗଡ଼ରେ କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଛି।

**ସୁନ୍ଦରଗଡ଼/ଦେବଗଡ଼,୧୭।୬ (ଡି.ଏନ୍.ଏ.)**

**କେନ୍ଦ୍ର ସରକାରଙ୍କ ପ୍ରତିଶୋଧ ରାଜନୀତି ଓ ପୋଲିସ ବର୍ବରତାର ପ୍ରତିବାଦ**

କେନ୍ଦ୍ରରେ ଶାସନ କରୁଥିବା ଭାଜପା ସରକାର ପ୍ରତିଶୋଧ ପରାୟଣ ହୋଇ କଂଗ୍ରେସ ସାଧାରଣ ସମ୍ପାଦକ ରାହୁଲ ଗାନ୍ଧୀଙ୍କୁ ଇଡିର ଜେରା କରାଇବା ସହ କେନ୍ଦ୍ର ଇସାରାରେ ପୋଲିସ ଏଆଇସିସି କାର୍ଯ୍ୟାଳୟ ଭିତରେ ପଶି କଂଗ୍ରେସ କର୍ମୀଙ୍କୁ ମାଡ଼ ମାରିବା ଘଟଣାକୁ କେନ୍ଦ୍ର କରି ଶୁକ୍ରବାର କଂଗ୍ରେସ ପକ୍ଷରୁ ଦେଶବ୍ୟାପି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ପରିପେକ୍ଷୀରେ ସୁନ୍ଦରଗଡ଼ ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲା କଂଗ୍ରେସ ସଭାପତି ବେଣୁ ମାଧବ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ପୋଷ୍ଟ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜଗାଙ୍ଗପୁର ବିଧାୟକ ଡ. ରାଜେନ ଏକ୍କାଙ୍କ ସମେତ ଦଳର ବରିଷ୍ଠ ନେତାମାନେ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିରୋଧରେ ଗର୍ଜିଥିଲେ। କେନ୍ଦ୍ରରେ ଭାଜପା ସରକାର ଆସିବା ଦିନଠାରୁ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରଦାମ ବୃଦ୍ଧି ସହ ପେଟ୍ରୋଲ, ଡିଜେଲ, ଗ୍ୟାସ ଦରରେ ଲଗାମ ନାହିଁ। ବେକାରୀ ସମସ୍ୟା ବୃଦ୍ଧି ପାଇଛି। ଏଥିପ୍ରତି ଦୃଷ୍ଟି ନ ଦେଇ ପ୍ରତିଶୋଧ ରାଜନୀତି ଭାଜପା କରୁଛି ବୋଲି କଂଗ୍ରେସ ନେତାମାନେ କହିଥିଲେ। କେନ୍ଦ୍ରର ପ୍ରତିଶୋଧ ପରାୟଣ ଓ ପୋଲିସ ବର୍ବରତାକୁ କଂଗ୍ରେସ ନେତାମାନେ ନିନ୍ଦା କରିଥିଲେ। ଏହି କାର୍ଯ୍ୟକ୍ରମରେ ନାରୀନେତ୍ରୀ ଅମିତା ବିଶ୍ୱାଳ, ନିମାଇଁ ନାଏକ, ନିର୍ମଳ ନାଏକ, ଜିଲା ଉପସଭାପତି କାଳୀପଦ ସାମଲ, ଅଜିତ ପ୍ରସାଦ, ସେବାଦଳ ରାଜ୍ୟ ସମ୍ପାଦକ ମୁନୁ ସରାଫ, ଯୁବ ସଭାପତି ବିଶ୍ୱଜିତ ପଟ୍ଟନାୟକ, ପର୍ଶୁରାମ ସରାଫ, ଆଲବର୍ଟ କିଣ୍ଡୋ, ସୁବାଶିଷ ବାନାର୍ଜୀ, ଇକବାଲ ମଲିକ ପ୍ରମୁଖ ଯୋଗଦେଇଥିଲେ।

ସେହିପରି ଦେବଗଡ଼ ଜିଲା କଂଗ୍ରେସ ପକ୍ଷରୁ ସ୍ଥାନୀୟ ମୁଖ୍ୟ ଡାକଘର ସମ୍ମୁଖରେ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁଙ୍କ ନେତୃତ୍ୱରେ ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ନାଏକ, ପୂର୍ବତନ ଜିଲା ସଭାପତି ସେମ ହେମ୍ବ୍ରମ, ପୂର୍ବତନ ନଗରପାଳ ନେତ୍ରାନନ୍ଦ ସାମଲ, ପୂର୍ବତନ କାଉନସିଲର ମଞ୍ଜୁଳ ନାଏକ, ବରିଷ୍ଠ କଂଗ୍ରେସ ନେତା ପ୍ରମୋଦ କୁମାର ମିଶ୍ର, ବସନ୍ତ କୁମାର ମିଶ୍ର, ସୁଶୀଲ କୁମାର ସାହୁ, ସୁଶାନ୍ତ କୁମାର ସ୍ୱାଇଁଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଓ ଦଳୀୟ ପଦାଧିକାରୀ ଏକତ୍ରିତ ହୋଇ କେନ୍ଦ୍ର ସରକାର ବିରୋଧରେ ବିଭିନ୍ନ ସ୍ଲୋଗାନ ଦେବା ସହ ବିକ୍ଷୋଭ କରି ଧାରଣାରେ ବସିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୧୮ ଜୁନ୍, ୨୦୨୨



## ଦୁର୍ଘଟଣାରେ ଦମ୍ପତି ଗୁରୁତର

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର-ବରଗଡ ୨୬ନଂ ଜାତୀୟ ରାଜପଥର ଲୋଇସିଂହା ଥାନା ଅନ୍ତର୍ଗତ ହାରାପୁର ଛକରେ ଶୁକ୍ରବାର ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରୁ ଆଗଲପୁର ବ୍ଲକ ବୁଦଲା ଗାଁର ଏକ ଦମ୍ପତି ଗୁରୁତର ଆହତ ହୋଇଛନ୍ତି। ଖବର ପାଇ ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସୂଚନା ଅନୁଯାୟୀ, ଉକ୍ତ ଦମ୍ପତିଙ୍କ ଜଣେ ସମ୍ପର୍କୀୟ ବଲାଙ୍ଗୀର ଭୀମଭୋଇ ମେଡିକାଲରେ ଚିକିତ୍ସିତ ହେଉଥିଲେ। ତାଙ୍କୁ ଦେଖା କରି ବାଇକ୍ ଯୋଗେ ଫେରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

## ସଂକ୍ଷେପରେ

### ମାଣ୍ଡିଆପଦରରେ ଗୋଷ୍ଠୀ ସଂଘର୍ଷ: ୩ ଗୁରୁତର, ୩ ଅଟକ

ଲୋଇସିଂହା,୧୭।୬(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ମାଣ୍ଡିଆପଦର ଗାଁରେ ଦୁଇଗୋଷ୍ଠୀ ମଧ୍ୟରେ ଗୁରବାର ରାତିରେ ଗୋଷ୍ଠୀ ସଂଘର୍ଷ ଘଟି ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ପଦ୍ମଲୋଚନ ସାହୁ, ମିଥୁନ ଭୋଇ ଓ ଗୋବର୍ଦ୍ଧନ ସାହୁ। ସେମାନଙ୍କୁ ଲୋଇସିଂହାରେ ପ୍ରାଥମିକ ଚିକିତ୍ସା ପରେ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଅପରପକ୍ଷେ ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନରେ ହୀରାପୁର ଛକଠାରେ ପଦ୍ମଲୋଚନ ସାହୁ ଓ ଅପର ଗୋଷ୍ଠୀ ମଧ୍ୟରେ କୌଣସି କଥାକୁ ନେଇ କଥା କଟାକଟି ଓ ମାରପିଟ ହୋଇଥିଲା। ପରେ ପରିସ୍ଥିତି ଶାନ୍ତ ପଡିଥିଲା। ମାତ୍ର ସନ୍ଧ୍ୟାରେ ୭ ରୁ ୮ ଜଣ ଯୁବକ ମାଣ୍ଡିଆପଦର ବସ୍ତିକୁ ମାରଣାସ୍ତ୍ର ଧରି ଯାଇ ଆତଙ୍କ ଖେଳାଇଥିଲେ। ଏହାକୁ ଗ୍ରାମବାସୀ ପ୍ରତିବାଦ କରିଥିଲେ। ଫଳରେ ଅସାମାଜିକ ଯୁବକ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଯୁବକମାନେ ଫେରାର ମାରିଥିଲେ। ଏ ସମ୍ପର୍କରେ ଏଏସଆଇ ଅଶୋକ ପଧାନ କହିଛନ୍ତି, ଗୋଟିଏ ଗୋଷ୍ଠୀ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ୩ ଜଣଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି।

### ଗରା, ମାଠିଆ ରଖି ରାସ୍ତାରୋକୋ

ଲୋଇସିଂହା,୧୭।୬(ଡି.ଏନ.ଏ.): ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବାବୁପାଲି ଗାଁର ପାନୀୟ ଜଳ ପ୍ରକଳ୍ପ ଚାଲୁ କରିବା ଦାବିରେ ଆମ ଆଦମୀ କର୍ମକର୍ତ୍ତାଙ୍କ ନେତୃତ୍ୱରେ ଗ୍ରାମବାସୀ ବାବୁପାଲି-ଆଗଲପୁର ରାସ୍ତା ଗୁରୁବାର ଅବରୋଧ କରିଥିଲେ। ଗ୍ରାମବାସୀ ଦୀର୍ଘ ସମୟ ଧରି ରାସ୍ତାରେ ଗରା,ମାଠିଆ ରଖି ପ୍ରତିବାଦ କରିଥିଲେ। ସନ୍ଧ୍ୟାରେ ବିଡିଓ ଶଙ୍କର କେରକେଟା ଏକ ପ୍ରତିନିଧି ଦଳ ପଠାଇ ଶୁକ୍ରବାର ଠାରୁ ଦିନକୁ ୩ ଥର ଜଳ ଯୋଗାଣ ହେବାର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା। ପ୍ରକାଶ ଯେ, ବାବୁଫାସଡ ପଞ୍ଚାୟତ ଅନ୍ତର୍ଗତ ବାବୁପାଲି ଗ୍ରାମବାସୀଙ୍କୁ ପାଇପ ଜଳ ଯୋଗଣ ପାଇଁ ଗାଁରେ ଏକ ପାନୀୟ ଜଳ ପ୍ରକଳ୍ପ ରହିଛି। ହେଲେ ବିଭାଗୀୟ କର୍ମଚାରୀ କୌଣସି କାରଣରୁ ପ୍ରକଳ୍ପକୁ ଚଲାଉ ନ ଥିଲେ। ଫଳରେ ପାଣି ପାଇଁ ଲୋକେ ହନ୍ତସନ୍ତ ହେଉଥିଲେ।ଏ ସଂକ୍ରାନ୍ତରେ ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ କୌଣସି ସୁଫଳ ମିଳି ନ ଥିଲା। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା। ଆମ ଆଦମୀ ପାର୍ଟିର ଆବାହକ ଆଶିଷ ପାଣ୍ଡେଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ସଭାପତି ପିଣ୍ଟୁ ଭୋଇ ଏବଂ ସନ୍ତୋଷ ସାହୁ , ଧର୍ମେନ୍ଦ୍ରେ ଗଡତ୍ୟା,ସୁନୀଲ ବାରିକ, ନରେନ୍ଦ୍ର ସାହୁ , ଗୋବର୍ଦ୍ଧନ ପଧାନଙ୍କ ସମେତ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇଥିଲେ।

### ମୃତକଙ୍କ ନାମରେ ଭତ୍ତା ଟଙ୍କା ଆସିବା ଘଟଣାର ତଦନ୍ତ ଆରମ୍ଭ

ନୂଆପଡ଼ା ଅଫିସ,୧୭।୬: ନୂଆପଡା ସଦର ବ୍ଲକ ଆମାନାରା ପଞ୍ଚାୟତରେ ମୃତକଙ୍କ ନାମରେ ଭତ୍ତା ଟଙ୍କା ଆସିବା ଶିର୍ଷକ ଏକ ଖବର 'ଧରିତ୍ରୀ'ରେ ଶୁକ୍ରବାର ପ୍ରକାଶ ହେବା ପରେ ପ୍ରଶାସନ ତତ୍ପର ଦେଖାଇଛି। ନୂଆପଡା ସଦର ବ୍ଲକ ବିଡିଓ ସୁବେଦାର ପ୍ରଧାନ, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝି ଉକ୍ତ ପଞ୍ଚାୟତକୁ ଯାଇ ତଦନ୍ତ କରି ଫେରିଛନ୍ତି। ଅମାନାରା ପଞ୍ଚାୟତ ପାୱାରତୋଲା ଗାଁର ବୈଶାଖୁ କେଉଟ ପିତା ପତିରାମ କେଉଟ ୨୦୧୯ ସେପ୍ଟେମ୍ବର ୨୮ରେ ମୃତ୍ୟୁ ହେବା ପରେ ୨୦୧୯ଠାରୁ ୨୦୨୦ ପର୍ଯ୍ୟନ୍ତ ଭତ୍ତା ବନ୍ଦ କରି ଦିଆଯାଇଥିଲା। ୨୦୨୧ ଜାନୁୟାରୀଠାରୁ ପୁନଃ ବୈଶାଖୁ କେଉଟ ପିତା ପତିରାମ କେଉଟ ନାମରେ ନୂତନ ଖାତା ଖୋଲି ଭତ୍ତା ପ୍ରଦାନ କରାଯାଉଥିବା ଜଣେ ବ୍ୟକ୍ତି ସୂଚନା ଅଧିକାର ଆଇନ ମାଧ୍ୟମରେ ତଥ୍ୟ ମାଗିବା ଏହି ଘଟଣା ଲୋକ ଲୋଚନା ଆସିଥିଲା। ୨୦୨୧ ଜାନୁୟାରୀଠାରୁ ବୈଶାଖୁ କେଉଟ ପିତା ପତିରାମ କେଉଟ ନାମରେ କିଏ ଭତ୍ତା ନେଉଛି ବୋଲି ତଦନ୍ତ ଜାରି ରହିଛି। ତଦନ୍ତ ସମୟରେ ଗତ ଦୁଇ ବର୍ଷର ଭତ୍ତା କାଗଜକୁ ତନ୍ନ ତନ୍ନ କରି ଦେଖିବା ସହିତ ଅନେକ କାଗଜପତ୍ରର ଜେରକ୍ସ କପି ମଧ୍ୟ ତଦନ୍ତକାରୀ ଟିମ୍ ସାଙ୍ଗରେ ନେଇଯାଇଛନ୍ତି। ତଦନ୍ତ ସମୟରେ ଗ୍ରାମରେ ୬ଜଣ ବୈଶାଖୁ କେଉଁଟଙ୍କ ନାମ ଥିବା ଜଣାପଡିଥିଲା। ଏ ସମ୍ପର୍କରେ ବିଡିଓ ପ୍ରଧାନଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାରୁ ସମ୍ଭବ ହୋଇ ନ ଥିଲା।

# ୨୦ ଚୋରି ବାଇକ୍ ଜବତ: ୮ ଗିରଫ

ଟିଁଟିଲାଗଡ଼,୧୭।୬(ଡି.ଏନ.ଏ.)

ଟିଁଟିଲାଗଡ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ୨୦ଟି ଚୋରି ବାଇକ୍ ଜବତ କରିଛି। ଏହି ଘଟଣାରେ ୮ ଜଣଙ୍କୁ ଗିରଫ କରାଯାଇଛି। ଜବତ ଗାଡି ଗୁଡିକ ବଲାଙ୍ଗୀର, କଳାହାଣ୍ଡି, ନୂଆପଡା ସମେତ ଓଡିଶାର ବିଭିନ୍ନ ଜିଲା ତଥା ଝାରଖଣ୍ଡ. ଛତିଶଗଡ. ଉତ୍ତରପ୍ରଦେଶ ଆଦି ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଅଭିଯୁକ୍ତମାନେ ଚୋରି କରି ଆଣିଥିବା ଜଣାଯାଇଛି।

ଏନେଇ ଶୁକ୍ରବାର ଅପରାହ୍ନରେ ଟିଁଟିଲାଗଡ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସଡିପିଓ ସୁରେନ୍ଦ୍ରନାଥ ଶତପଥୀ ସୂଚନା ଦେଇଛନ୍ତି। ଗତ ୪ ତାରିଖ ଦିନ ଭୁବନେଶ୍ୱରରୁ ଟିଁଟିଲାଗଡ ଅଭିମୁଖେ ଆସୁଥିବା ଏକ ଟ୍ରକକୁ ଟିଁଟିଲାଗଡ ଥାନା ଖଜୁରପଡାର ମୁକୁନ୍ଦ ବାଗ ନାମକ ଜଣେ ଯୁବକ ଅଟକାଇ



ଖବରଦାତା ସମ୍ମିଳନୀରେ ଏସଡିପିଓ ଓ ଅନ୍ୟମାନେ।

ଡ୍ରାଇଭରଙ୍କୁ ମାରଣାସ୍ତ୍ର ଦେଖାଇ ଲୁଟପାଟ ଉଦ୍ୟମ କରିଥିଲେ। ଏହି ସମୟରେ ଓଡିଶା ମୋଟର ଚାଳକ ସଂଘର ଜଣେ ଡ୍ରାଇଭର ପହଞ୍ଚି ଯିବାରୁ ବାଇକ୍‌ରେ ମୁକୁନ୍ଦ ଫେରାର ହୋଇ ଯାଇଥିଲେ । ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ପକ୍ଷରୁ ତଦନ୍ତ କରାଯିବା ବେଳେ ଏକ ବଡ ବାଇକ୍ ଚୋରି ର୍‍ୟାକେଟର ପର୍ଦ୍ଦାଫାଶ ହୋଇଥିଲା। ପୋଲିସ ପକ୍ଷରୁ ଅଭିଯୁକ୍ତଙ୍କ ଠାରୁ ୧୦ଟି ମୋବାଇଲ ଫୋନ ମଧ ଜବତ ହୋଇଛି। ଏହି ଘଟଣାରେ ଅଭିଯୁକ୍ତ ମୁକୁନ୍ଦଙ୍କ ସମେତ ଟିଁଟିଲାଗଡ ଥାନା ମିନାପାଲି ଗ୍ରାମର ସଞ୍ଜୟ ସୁନା, କାସ୍ପିଭଟା ଗ୍ରାମର ବିକାଶ ବିଭାର, କତରକେଲାର ନରେଶ ନାଗ, ସୁନିଲ ନାଗ ଏବଂ ବିଭୂତି ଦୀପ, ବହିଦାରପଡାର କୁନୁ ବାଗ, ଖଜୁରପଡାର ବବ୍ଲୁ ବାରିକଙ୍କୁ ଗିରଫ କରାଯାଇଛି। ବଲାଙ୍ଗୀର ଏସ୍‌ପି ନୀତିନ କୁଶଲକରଙ୍କ ତତ୍ତ୍ୱାବଧାନ ତଥା ଟିଁଟିଲାଗଡ ଏସଡିପିଓ ସୁରେନ୍ଦ୍ରନାଥ ଶତପଥୀଙ୍କ ନେତୃତ୍ୱରେ ଚଢାଉ କରାଯାଇଥିଲା। ଏଥିରେ ଟିଁଟିଲାଗଡ ଥାନା ଅଧିକାରୀ ରଞ୍ଜନ ବରିହା, ସବଇନ୍ସପେକ୍ଟର ନରେନ୍ଦ୍ର ଛତର, ଶିଶିର ଆଚାର୍ଯ୍ୟ, ଏଏସଆଇ କାର୍ତ୍ତିକ ପ୍ରଧାନ, ସୁବାସ ସାହୁ, ହାବିଲଦାର ଅରବିନ୍ଦ ଖମାରୀ, ସୁନିଲ ଭୋଇ, ରାମଚନ୍ଦ୍ର ବଗର୍ତ୍ତି, ପ୍ରୀତମ ପୂଝାରୀ ପ୍ରମୁଖ ସାମିଲ ଥିଲେ। ଅପରପକ୍ଷରେ ଟିଁଟିଲାଗଡ ପୋଲିସ ଠାରୁ ନିଜ ଚୋରି ବାଇକ୍ ଉଦ୍ଧାର ହୋଇଥିବା ଖବର ପାଇ ଡୁଙ୍ଗରିପାଲିର ଅନିଲ ସା ସେଠାକାର ଥାନା ସବଇନ୍ସପେକ୍ଟର ଲକ୍ଷ୍ମିନ୍ଦ୍ର ପାତ୍ରଙ୍କ ସହ ଏଠାରେ ପହଞ୍ଚିଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କ ସମ୍ମୁଖରେ ଏସଡିପିଓ ଏବଂ ଆଇଆଇସି ଉକ୍ତ ଯୁବକଙ୍କୁ ଗାଡି ହସ୍ତାନ୍ତର କରିଛନ୍ତି।

# ପୁରୀ-ଆଜମିର ଟ୍ରେନରେ ନିଆଁ, ଯାତ୍ରୀ ଆତଙ୍କିତ



ନିଆଁ ଲାଗିବାରୁ ଅଟକି ଥିବା ପୁରୀ-ଆଜମିର ଟ୍ରେନ।

ଲୋଇସିଂହା,୧୭।୬(ଡି.ଏନ.ଏ.)

ଶୁକ୍ରବାର ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଘୁଷୁରାମୁଣ୍ଡା ଏବଂ ବୁର୍ଡା ରେଳ ଫାଟକ ମଝିରେ ପୁରୀ-ଆଜମିର ଏକ୍ସପ୍ରେସ ଟ୍ରେନରେ ନିଆଁ ଲାଗିଯାଇଥିଲା। ତେବେ ଏଥିଯୋଗୁ କୌଣସି କ୍ଷୟକ୍ଷତି ହୋଇନାହିଁ। ପ୍ରକାଶ ଯେ, ସମ୍ବଲପୁରରୁ ବଲାଙ୍ଗୀର ଅଭିମୁଖେ ଅପ ଲାଇନରେ ଏହି ଟ୍ରେନ ଆସୁଥିବା ବେଳେ ସକାଳ ୭ ଟା ସମୟରେ ଘୁଷୁରାମୁଣ୍ଡା ଓ ବୁର୍ଡା ରେଳ ଫାଟକ ମଝିରେ ଥିବା ୬୫୮୧ ନଂ ଖୁଣ୍ଟ ନିକଟରେ ବ୍ରେକ ଜାମ ହୋଇଯିବାରୁ ଏକ ବଗି ଧୂଆଁମୟ ହୋଇଯାଇଥିଲା। ବଗିରେ ଥିବା ଯାତ୍ରୀମାନେ ଧୂଆଁ ଦେଖି ଆତଙ୍କିତ ହୋଇ ପଡିଥିଲେ। ଏହା ଡ୍ରାଇଭର ଜାଣିଲା ପରେ ଟ୍ରେନକୁ ଅଟକାଇ ଥିଲେ। ଫଳରେ ଯାତ୍ରୀମାନେ ତଳକୁ ଓହ୍ଲାଇ ପଡିଥିଲେ। ଏ ସମ୍ପର୍କରେ ଡ୍ରାଇଭର ଲୋଇସିଂହା ଷ୍ଟେଶନ ମାଷ୍ଟରକୁ ସୂଚନା ଦେଇଥିଲେ। ଷ୍ଟେଶନ ଠାରୁ ସୂଚନା ପାଇ ବୁର୍ଡା ଫାଟକ ମେଟ ଏବଂ କର୍ମଚାରୀ ଘଟଣାସ୍ଥଳକୁ ଯାଇଥିଲେ। ନିଆଁ ଲାଗିବା କାରଣରୁ ପ୍ରାୟ ୪୫ ମିନିଟ ଧରି ଟ୍ରେନ ଅଟକି ରହିଥିଲା। ଡ୍ରାଇଭର ବ୍ରେକ ଜାମକୁ ସଜାଡିଲା ପରେ ୭ଟା ୪୫ ମିନିଟରେ ଟ୍ରେନ ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଥିଲା। ସୂଚନାଯୋଗ୍ୟ, ଲୋଇସିଂହା ଷ୍ଟେଶନ ଠାରୁ ଉକ୍ତ ଟ୍ରେନ ଆସୁଥିବା ସୂଚନା ପାଇ ବୁର୍ଡା ଫାଟକ କର୍ମଚାରୀ ସକାଳ ୭ ଟାସମୟରେ ଫାଟକ ପକାଇ ଦେଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଟ୍ରେନ ନ ଆସିବାରୁ ଫାଟକର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟକ ଯାନବାହନ ଅଟକି ରହିଥିଲା। ଏହାକୁ ନେଇ ଅପେକ୍ଷାରତ ଯାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ତେବେ ଘଟଣା ଜାଣିଲା ପରେ ଶାନ୍ତ ପଡିଥିଲେ। ପ୍ରାୟ ୪୯ ମିନିଟ ଅପେକ୍ଷା ପରେ ଉକ୍ତ ଏକ୍ସପ୍ରେସ ଟ୍ରେନ ଫାଟକ ପାର ହେବାରୁ ବୁର୍ଡା ଫାଟକ ଖୋଲିଥିଲା। ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

# ଜିଲା ମୁଖ୍ୟ ଡାକଘର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ନୂଆପଡ଼ା ଅଫିସ,୧୭।୬

କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ଭାରତୀୟ ଆଇନ ଶୃଙ୍ଖଳାକୁ ଖୋଲାଖୋଲି ଉଲ୍ଲଂଘନ କରି ଅଣଗଣତାନ୍ତ୍ରିକ ଭାବେ ଦିଲ୍ଲୀ ପୋଲିସ ଆକବର ରୋଡ-୨୪ସ୍ଥିତ ଅଖିଳ ଭାରତୀୟ କଂଗ୍ରେସ କମିଟି କାର୍ଯ୍ୟାଳୟରେ ପସି ବରିଷ୍ଠ କଂଗ୍ରେସ ନେତା ଓ କର୍ମୀମାନଙ୍କୁ ମାରପିଟ କରିଥିଲା। ଏହାକୁ ନୂଆପଡା ଜିଲା କଂଗ୍ରେସ ବିରୋଧ କରିଛି। ଶୁକ୍ରବାର ଜିଲା ସଭାପତି ଘାସିରାମ ମାଝିଙ୍କ ନେତୃତ୍ୱରେ ଜିଲା ମୁଖ୍ୟ ଡାକଘର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଧାରଣା ଦିଆଯାଇଥିଲା। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲା ଡାକଘର ମୁଖ୍ୟ ଅଧିକାରୀଙ୍କ ଜରିଆରେ ଦୁଇ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହା ସହ ପୂର୍ବତନ ଏଆଇସିସି ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଅସମ୍ବିଧାନିକ ଭାବେ ଅଟକ ରଖି ସିବିଆଇ ତଦନ୍ତକୁ କଂଗ୍ରେସ ଦୃଢ ଭାବେ ନିନ୍ଦା



କଂଗ୍ରେସ କର୍ମୀମାନେ ଧାରଣାରେ ବସିଛନ୍ତି।

କରିଛି। ଜିଲା କଂଗ୍ରେସ କେନ୍ଦ୍ର ସରକାର ଓ ଦିଲ୍ଲୀ ପୋଲିସର ଦମନ ନୀତିକୁ ଦୃଢ ବିରୋଧ କରିଛି। ଏହା ବିରୋଧରେ କୌଣସି ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ, ଆଗାମୀ ଦିନରେ କଂଗ୍ରେସ ଦିଲ୍ଲୀରୁ ପଲ୍ଲି ପର୍ଯ୍ୟନ୍ତ ଅଖଚକ ବନ୍ଦ କରି ଲଢେଇକୁ ତୀବ୍ରତର କରିବ ବୋଲି ଜିଲା କଂଗ୍ରେସ କମିଟି ଚେତାବନୀ ଦେଇଛି। ଧାରଣାରେ କଂଗ୍ରେସ କମିଟି ସଭାପତି ମାଝିଙ୍କ ସମେତ ଜିଲା ଓବିସି ସେଲ ସଭାପତି ହୀରାଧର ମେହେର, ନୂଆପଡ଼ା ବିଧାନ ସଭା ଯୁବ କଂଗ୍ରେସ ସଭାପତି ଶାହାରୁଖ ଖାନ, ପିସିସି ସଭ୍ୟ ମୋତି ରାୱାଲ, ନୂଆପଡା ବ୍ଲକ ସଭାପତି ଜଗଦୀଶ ସାହୁ, କୋମନା ବ୍ଲକ ସଭାପତି କୈଳାସ ଚନ୍ଦ୍ର ବାଗ, ସୌରଭ ଚନ୍ଦ୍ରକାର, ଦେବଦତ ଦିକ୍ଷୀତ, ଜୁନେଦ ମହମ୍ମଦ, ଅମିତାଭ ପଟେଲ, ଚନ୍ଦ୍ରଶେଖର ତାଣ୍ଡି, ଜଗନ୍ନଥ ନାୟକ, ସନ୍ନି ସାହୁ, ଦେଓଲାଲ ବାଗ ପ୍ରମୁଖ ସାମିଲ ଥିଲେ।

# ସାପ କାମୁଡ଼ାରେ ମହିଳା ମୃତ

କୋକସରା,୧୭।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋତମୁଣ୍ଡା ପଞ୍ଚାୟତ ପିପିଲଝାପର ଗ୍ରାମରେ ଜଣେ ମହିଳାଙ୍କୁ ନାଗ ସାପ କାମୁଡିବାରୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ରୁପାଲି ମାଝି (୩୦)। ସୂଚନା ଅନୁସାରେ ଗୁରୁବାର ରାତିରେ ରୁପାଲି ଘରେ ଶୋଇଥିଲେ। ରାତି ପ୍ରାୟ ୧୦ଟାରେ ଏକ ନାଗ ତାଙ୍କୁ କାମୁଡି ଦେବାରୁ ସେ ଗୁରୁତର ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ଆମପାଣି ପୋଲିସ ଡାକ୍ତରଖାନାରେ ପହଞ୍ଚି ତଦନ୍ତ କରିବା ସହ ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଆମପାଣି ଥାନାରେ ଏକ ଅପମୃତ୍ୟୁ ମାମଲ ରୁଜୁ କରି ତଦନ୍ତ ଚଳାଇଥିବା ଏସ୍‌ଆଇ ରାଜେଶ ପରୀଡା ସୂଚନା ଦେଇଛନ୍ତି।

# ଆତ୍ମରକ୍ଷା ଶିବିର ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

ବଲାଙ୍ଗୀର ଅଫିସ,୧୭।୬

ସ୍ଥାନୀୟ ଆଇନ ମହାବିଦ୍ୟାଳୟ ପରିସରରେ ଭାରତ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଆତ୍ମରକ୍ଷା କୌଶଳ ପେଞ୍ଚାକ୍ ସିଲାଟ୍‌ର ତିନିଦିନିଆ ଆତ୍ମରକ୍ଷା କୌଶଳ ଶିବିର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଶିବିରକୁ ବରିଷ୍ଠ ଆଡଭୋକେଟ୍ ଅମରେନ୍ଦ୍ର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ଶିବିରରେ ଯୋଗ ଦେଇଥିବା କେରାଟିକାମାନଙ୍କୁ ଆତ୍ମରକ୍ଷା ଶିବିର କେବଳ ଆତ୍ମରକ୍ଷାରେ ସୀମିତ ନୁହେଁ, ଏହା ମାନସିକ, ଶାରୀରିକ ସ୍ତରରେ ସୁସ୍ଥ କରିବା ସହ ଚରିତ୍ର ଗଠନରେ ସହାୟକ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅନ୍ତର୍ଜାତୀୟ ପଦକପ୍ରାପ୍ତ କୋଚ ଗୁରୁ ପ୍ରେମସିଂହ ଥାପା ଯୋଗଦେଇ ଖେଳାଳିମାନଙ୍କୁ ଶୃଙ୍ଖଳିତ ହେବା ପାଇଁ କହିଥିଲେ। ଶିବିରରେ ଅନ୍ୟତମ ଅତିଥି ଭାବେ ବ୍ଲାକ୍ ବେଲ୍ଟଧାରୀ ପ୍ରମୋଦ କୁମାର ରଥ ଯୋଗ ଦେଇଥିଲେ। ପେଞ୍ଚାକ ସିଲାଟ ଅନୁଷ୍ଠାନର ସମ୍ପାଦକ ବ୍ଲାକ ବେଲ୍ଟ ସାଓଲିନ ପ୍ରଶାନ୍ତ ପାତ୍ର ଶିବିରର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ବିଷୟରେ ଖେଳାଳି ମାନଙ୍କୁ ସୂଚନା ଦେଇଥିଲେ। ଉଦ୍‌ଘାଟନୀ ସମାରୋହରେ ମହେନ୍ଦ୍ର ଦର୍ଜୀ ଅତିଥି ପରିଚୟ ପ୍ରଦାନ କରିବା ସହ ଆଗାମୀ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଏହି ଶିବିର ଆସନ୍ତା ୧୯ ତାରିଖ ସନ୍ଧ୍ୟାରେ ଉଦ୍‌ଯାପିତ ହେବ ।

# ଚଉଡ଼ା ରାସ୍ତା ପାଇଁ ଏନ୍‌ଏସି ଅଧକ୍ଷଙ୍କୁ ଦାବିପତ୍ର

ଜୁନାଗଡ,୧୭।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହର ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥରୁ ଡେଲି ମାର୍କେଟ-ଲକ୍ଷ୍ମୀସାଗରପଡାକୁ ସଂଯୋଗ କରୁଥିବା ରାସ୍ତା ଏବେ ସଙ୍କୁଚିତ ହେବା ଯୋଗୁ ସ୍ଥାନୀୟ ଲୋକେ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହୋଇଛନ୍ତି। ତେଣୁ ଏହି ରାସ୍ତାକୁ ଚଉଡା କରିବା ନେଇ ଶୁକ୍ରବାର ସ୍ଥାନୀୟ ଲୋକେ ଜୁନାଗଡ ଏନ୍‌ଏସି ଅଧକ୍ଷ ମୁକେଶ ଅଗ୍ରୱାଲଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଜୁନାଗଡ ସହରର ୧, ୨ ଓ ୫ ନମ୍ବର ୱାର୍ଡବାସିନ୍ଦା ସିଧାସଳଖ ୨୬ ନମ୍ବର ଜାତୀୟ ରାଜପଥକୁ ଯାତାୟାତ କରିବା ପାଇଁ ସମସ୍ୟା ଦେଖାଦେଇଛି। ଜାତୀୟ ରାଜପଥ ୨୬ରୁ ଏହି ରାସ୍ତା ନୁରନଗର, ଲକ୍ଷ୍ମୀ ସାଗରପଡା, ତହସିଲ ଅଫିସ, ପିଆଇ କଲେଜ, ଓଡିଶା ଆଦର୍ଶ



ଏନ୍‌ଏସି ଅଧକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବିଦ୍ୟାଳୟ, ସନହସ୍ପିଟାଲ, ରେଳଷ୍ଟେଶନ ସମେତ କରୁଗୁଡା, ଭଇଁରୀଗୁଡାକୁ ଯାଇଥାଏ। ହେଲେ ସଙ୍କୁଚିତ ରାସ୍ତା ଯୋଗୁ ସେମାନେ ଅସୁବିଧା ସମ୍ମୁଖୀନ ହୋଇଛନ୍ତି। ବହୁପୂର୍ବରୁ ଜାତୀୟ ରାଜପଥ ୨୬ଠାରୁ ପୋଷ୍ଟ ଅଫିସ ଥାନା ରାସ୍ତା ଦେଇ ଏହି ସବୁ ଅଞ୍ଚଳକୁ ସିଧାସଳଖ ଓସାରିଆ ରାସ୍ତା ରହିଥିଲା। କାଳକ୍ରମେ ଏହି ରାସ୍ତା ଥାନା ବାଡ ଓ ଡେଲି ମାର୍କେଟ ଯୋଗୁ ଏହା ସଙ୍କୁଚିତ ହୋଇଯାଇଥିଲା। ଫଳରେ କେବଳ ୨ ଚକିଆ ଯାନ ବ୍ୟତିତ ଏହି ରାସ୍ତାରେ କୌଣସି ଚାରିଚକିଆ ଯାନ ଏବେ ଯାଇପାରୁନାହିଁ। ଏହି ରାସ୍ତାକୁ ପୂର୍ବପରି ଚଉଡା କରାଯାଇ ସିଧାସଳଖ ଉପରୋକ୍ତ ଅଞ୍ଚଳକୁ ସଂଯାଗ କରିବା ପାଇଁ ଦାବି କରାଯାଇଛି। ଅନ୍ୟପକ୍ଷରେ ଶୀଘ୍ର ଏହାର ପଦକ୍ଷେପ ନିଆଯିବ ବୋଲି ଏନ୍‌ଏସି ଅଧକ୍ଷ ଅଗ୍ରୱାଲ ପ୍ରକାଶ କରିଛନ୍ତି।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବଳଦ ମୃତ

ନୂଆପଡ଼ା ଅଫିସ,୧୭।୬

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଦେଓଦର୍ହା ଗାଁର କେଶବ ଚିନ୍ଦାଙ୍କ ବଳଦ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଛି। ଶୁକ୍ରବାର ପୂର୍ବାହ୍ନରେ ବଳଦ ଜଙ୍ଗଲକୁ ଚରିବାକୁ ଯାଉଥିବା ବେଳେ ଟ୍ରାନ୍ସଫର୍ମରରେ ଲାଗିଛଟପଟ ହୋଇ ଘଟଣାସ୍ଥଳରେହିଁ ମୃତ୍ୟୁ ଘଟିଥିଲା। ବିଦ୍ୟୁତ ବିଭାଗର ଅବହେଳା ଯୋଗୁ ହିଁ ଏପରି ଘଟଣା ଘଟି ଚାଲିଛି ବୋଲି ଅଭିଯୋଗ ହେଉଛ। ଟ୍ରାନ୍ସଫର୍ମର ଚାରି ପାଖରେ ବାଡ଼ ନ କରି ମୁକୁଳା ରହିଥିବାରୁ ଅନେକ ଜୀବଜନ୍ତୁ ମୃତ୍ୟୁ ମୁଖରେ ପଡୁଛନ୍ତି। ବର୍ତ୍ତମାନ ଚାଷ ସମୟ ବଳଦ ମୃତ୍ୟୁ ହେବା ପରେ ଚିନ୍ତାରେ ପଡି ଯାଇଛନ୍ତି କେଶବ। ଗରିବ ପରିବାର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ମାନିଗୁଡ଼ାରେ ବସୁମତି ସ୍ନାନ ଦିବସ ପାଳିତ

ନୂଆପଡ଼ା ଅଫିସ,୧୭।୬

ନୂଆପଡା ଜିଲା କୋମନା ବ୍ଲକ ମାନିଗୁଡା ଗୋଁଡ ସାଂସ୍କୃତିକ କ୍ଷତ୍ରୀୟ ସମାଜ ଭବନଠାରେ ବସୁମତୀ ସ୍ନାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରେ ମାଟି ଦେବତାଙ୍କୁ ପ୍ରଥମେ ପୂଜା ଅର୍ଚ୍ଚନା କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ସର୍କଲ ସଭାପତି ବିରଞ୍ଚି ମାଝି ଅଧ୍ୟକ୍ଷତା କରିଥିବା ବେଳେ ସମାଜସେବୀ ମାଧବ ପ୍ରସାଦ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ମାନିଗୁଡା ସରପଞ୍ଚ ଯୋଗେନ୍ଦ୍ର ବାଗ, ପୂର୍ବତନ ସରପଞ୍ଚ ରାମସିଂ ମାଝି ଯୋଗଦେଇ ବସୁମତି ସ୍ନାନ ଉପରେ ଉପସ୍ଥିତ ଜନସାଧାରଣଙ୍କୁ ବୁଝାଇଥିଲେ। ଆଶାରାମ ମାଝି ମଞ୍ଚ ପରିଚାଳନା କରିଥିବା ବେଳେ ମୋହନ ମାଝି, ଲବଙ୍ଗ ମାଝି, କପୁର୍ଚନ ମାଝି, ସୁନ୍ଦର ମାଝି, ତୁଳାରାମ ମାଝି, ଖଗେଶ୍ୱର ମାଝି, ରୂପସିଂ ଧରୁଆ ପ୍ରମୁଖ ସହଯୋଗ କରିଥିଲେ।



ବସୁମତୀ ସ୍ନାନ ପାଳନରେ ଉପସ୍ଥିତ ମହିଳାମାନେ।

# ଭାଜପା ଏକଚ୍ଛତ୍ରବାଦ ବିରୋଧରେ ଗର୍ଜିଲା ବଲାଙ୍ଗୀର କଂଗ୍ରେସ

ବଲାଙ୍ଗୀର ଅଫିସ,୧୭।୬

କେନ୍ଦ୍ର ସରକାରଙ୍କ କଂଗ୍ରେସ ପ୍ରତି ଅସହିଷ୍ଣୁତା ଓ ଏକଚ୍ଛତ୍ରବାଦ ସୀମା ଲଂଘନ କରିଛି। ଏହାର ପ୍ରତିବାଦରେ ବଲାଙ୍ଗୀର କଂଗ୍ରେସ କମିଟି ପକ୍ଷରୁ ଜିଲା ମୁଖ୍ୟ ଡାକଘର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲା ସଭାପତି ଦିଲୀପ ବେହେରା କହିଥିଲେ ଯେ, ଏଆଇସିସି କାର୍ଯ୍ୟାଳୟରେ କଂଗ୍ରେସର ତୁଙ୍ଗ ନେତାମାନେ ଶାନ୍ତିପୂର୍ଣ୍ଣ ଭାବରେ ଧାରଣା ଓ ପ୍ରତିବାଦ କରୁଥିବା ବେଳେ ଦିଲ୍ଲୀ ପୋଲିସ କାର୍ଯ୍ୟାଳୟ ଭିତରକୁ ପଶି କଂଗ୍ରେସ ନେତୃମଣ୍ଡଳୀ ଓ କର୍ମୀମାନଙ୍କୁ ଶାରୀରିକ ନିର୍ଯାତନା ଦେବା, ମାଡ ମାରିବା ନିନ୍ଦନୀୟ। କେନ୍ଦ୍ର ସରକାରଙ୍କ ପ୍ରରୋଚନାରେ କେନ୍ଦ୍ରୀୟ ସଂସ୍ଥା ସିବିଆଇ ଓ ଇଡିକୁ ଅସ୍ତ୍ର କରି ଦେଶର ବିରୋଧୀ ଦଳ ବିଶେଷ କରି କଂଗ୍ରେସ ନେତୃବୃନ୍ଦଙ୍କୁ ହଇରାଣ କରୁଛନ୍ତି ବୋଲି ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ ତାଙ୍କ ବକ୍ତବ୍ୟରେ କହିଥିଲେ। ଯଦି ଗଣତନ୍ତ୍ର ଓ ସମ୍ବିଧାନକୁ




କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବେଖାତିର କରି କେନ୍ଦ୍ର ସରକାର ଏପରି ଏକଛତ୍ରବାଦ, ସ୍ୱେଚ୍ଛାଚାରିତାକୁ ବନ୍ଦ ନ କରେ ତେବେ ଆଗାମୀ ଦିନରେ କଂଗ୍ରେସ ଦଳ ଦେଶ ବ୍ୟାପୀ ଆନ୍ଦୋଳନ କରିବ ବୋଲି କୁହାଯାଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ପିସିସି କାର୍ଯ୍ୟକାରିଣୀ ସଭ୍ୟ ଉମାଶଙ୍କର ପଣ୍ଡା, ନଗର ସଭାପତି ବୁଲୁ ଦାନି, ଜିଲା ସେବାଦଳ ମୁଖ୍ୟ ଅସୀତ ମିଶ୍ର, ଟିଁଟିଲାଗଡ ବ୍ଲକ ସଭାପତି ବିକାଶ ପାଣିଗ୍ରାହୀ, ଚାଷୀ ନେତା ସରୋଜ ରଥ, ଜିଲା କିଶାନ ସେଲ ସଭାପତି ସାନନ୍ଦ ମିଶ୍ର, ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଭାପତି ଅଜୟ ବାଲି, ଜିଲା ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁ ବକ୍ତବ୍ୟ ରଖି ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରକୁ କଡା ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ମନୀଷ ମିଶ୍ର, କୈଳାଶ ମିଶ୍ର, ପ୍ରଦୀପ ମିଶ୍ର, ଓମ୍ ପ୍ରକାଶ କୁମ୍ଭାର, ଜୁଲୁ ପଟ୍ଟନାୟକ, ଲୋପନ ମିଶ୍ର, ପ୍ରଫୁଲ୍ଲ ଦାଶ, ଜୟନାରାୟଣ ବହିଦାର, ନାସିର ଖାନ, ସଞ୍ଜୟ ମିଶ୍ର, ଅମୀୟ ମିଶ୍ର, କରୁଣାକର ମେହେର, ଅମିତ ତ୍ରିପାଠୀ, କିରନ ସେଠ, ଅମୂଲ୍ୟ ସେଠ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ଅର୍ଜୁନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ଦମ୍ପତି ଗୁରୁତର

**ଲୋଇସିଂହା,(ଡି.ଏନ.ଏ):** ବଲାଙ୍ଗୀର-ବରଗଡ ୨୬ନଂ ଜାତୀୟ ରାଜପଥର ଲୋଇସିଂହା ଥାନା ଅନ୍ତର୍ଗତ ହାରାପୁର ଛକରେ ଶୁକ୍ରବାର ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରୁ ଆଗଲପୁର ବ୍ଲକ ବୁଦଲା ଗାଁର ଏକ ଦମ୍ପତି ଗୁରୁତର ଆହତ ହୋଇଛନ୍ତି । ଖବର ପାଇ ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସୂଚନା ଅନୁଯାୟୀ, ଉକ୍ତ ଦମ୍ପତିଙ୍କ ଜଣେ ସମ୍ପର୍କୀୟ ବଲାଙ୍ଗୀର ଭୀମଭୋଇ ମେଡିକାଲରେ ଚିକିତ୍ସିତ ହେଉଥିଲେ । ତାଙ୍କୁ ଦେଖା କରି ବାଇକ୍ ଯୋଗେ ଫେରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।

## ସଂକ୍ଷେପରେ

### ବଜ୍ରପାତରେ ଯୁବକ ମୃତ

**ବରପାଲି,୧୭।୬(ଡି.ଏନ.ଏ.):** ବରଗଡ଼ ଜିଲା ବରପାଲି ଥାନା ନେହେରୁ ନଗର ଛକରେ ଶୁକ୍ରବାର ଅପରାହ୍ଣରେ ବଜ୍ରପାତ ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଆଗଲପୁରର ବିଶାଲ ମେହେର(୧୯)। ବରପାଲି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନା ଅନୁସାରେ, ଆଗଲପୁର ନିବାସୀ ସହଦେବ ମେହେର ଓ ତାଙ୍କ ପୁତୁରା ବିଶାଲ ଏକ ବସ୍‌ରେ ଆସି ବରପାଲିର ନେହେରୁ ନଗର ଛକରେ ଓହ୍ଲାଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ବିଶାଲ ଗୁରୁତର ହୋଇ ପଡ଼ିଥିଲେ। ବିଶାଲଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ବରପାଲି ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବରପାଲି ତହସିଲଦାର ଡାକ୍ତରଖାନାକୁ ଯାଇ ଘଟଣା ସମ୍ପର୍କରେ ବୁଝିଥିଲେ।

### ଆପ୍‌ର ବ୍ଲକ ସ୍ତରୀୟ ସମୀକ୍ଷା

**ଜାମଟିକ୍ରା, ୧୭।୬(ଡି.ଏନ.ଏ.):** ୨୦୦ ୟୁନିଟ ଦେୟମୁକ୍ତ ବିଜୁଳି ପାଇଁ ଆମ୍ ଆଦମୀ ପାର୍ଟି ପକ୍ଷରୁ ବରଗଡ଼ ଜିଲାରେ ଚାଲିଥିବା ଦସ୍ତଖତ ଅଭିଯାନର ଏକ ସମୀକ୍ଷା ବୈଠକ ଶୁକ୍ରବାର ଅତାବିରାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ପଞ୍ଚାୟତ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଦଶ ହଜାର ଦସ୍ତଖତ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବେଳେ ଏକ ବ୍ଲକସ୍ତରୀୟ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ଅତାବିରା ବ୍ଲକର ଯଦୁମଣି ପ୍ରଧାନ, ଜୟକୃଷ୍ଣ ଛୁରିଆ, ଭରତ ମହାନନ୍ଦ, ଦୀନବନ୍ଧୁ ରନବିଡା, ବିକାଶ ମେହେର, ହେମନ୍ତ ବିଭାର, ମଧୁସୂଦନ ରୋହିଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଆବାହକ ଭବାନୀ ସାହୁ ଓ ଅମିତାଭ ପାତ୍ର ଯୋଗ ଦେଇଥିଲେ।

### ରାହୁଲଙ୍କୁ ଇଡି ସମନ ବିରୋଧରେ କଂଗ୍ରେସର ପ୍ରତିବାଦ

**ସୋନପୁର,୧୭।୬(ନି.ପ୍ର.):** ନ୍ୟାଶନାଲ ହେରାଲ୍ଡ ଖବରକାଗଜରେ ଆର୍ଥିକ ଅନିୟମିତତା ଓ ମନିଲଣ୍ଡରିଂ ମାମଲାକୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଜେରା କରିବା ସହ ପୁନର୍ବାର ଜେରା ଲାଗି ସମନ କରିଛି । ରାହୁଲଙ୍କୁ ସମନ ବିରୋଧରେ ସୁବର୍ଣ୍ଣପୁର ଜିଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ଆନ୍ଦୋଳନ କରାଯାଇଛି । ଦଳୀୟ ନେତୃବୃନ୍ଦ ଓ ସମର୍ଥକମାନେ ସୋନପୁର ରେଲୱେ ଟିକେଟ୍ ବିକ୍ରୟ କେନ୍ଦ୍ର ସମ୍ମୁଖରେ ଧାରଣା ଦେବା ସହ ମୋଦି ସରକାରଙ୍କ ବିରୋଧରେ ନାରା ବାଜି କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କେନ୍ଦ୍ର ସରକାର କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସିର ଅପବ୍ୟବହାର କରୁଥିବା ଦଳ ଅଭିଯୋଗ କରିଛି। ଏପରିକି ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ଦିଲ୍ଲୀ ପୋଲିସ ୧୪୪ ଧାରା ଜାରି କରିବା ସହ କଂଗ୍ରେସ କର୍ମୀ ଓ ବରିଷ୍ଠ ନେତାମାନଙ୍କୁ ଅଟକ ରଖିଛି । କଂଗ୍ରେସ ଦଳ ପକ୍ଷରୁ ଏହାକୁ ଦୃଢ ବିରୋଧ କରାଯାଇଛି । ଜିଲା କଂଗ୍ରେସ କମିଟି ସଭାପତି ଗୌରୀଶ୍ୟାମ ପଣ୍ଡା, ପ୍ରାକ୍ତନ ବିଧାୟକ ବିନୋଦ ପାତ୍ର, ଜିତେନ୍ଦ୍ର କୁମାର ପଟ୍ଟନାୟକ, ବରିଷ୍ଠ ନେତା ମାଧବ କୁମ୍ଭାର, ସୁଧୀର ପଣ୍ଡା, ରବିନ୍ଦ୍ର ହୋତା, ସୂର୍ଯ୍ୟକାନ୍ତି ବାଘ, ସନ୍ତୋଷ ସେଠୀ, ପ୍ରିୟବ୍ରତ ସାହୁ, ରଞ୍ଜିତ ରାଏ, ରାଜେଶ ମିଶ୍ର, ନିମାଇଁ ପାଣିଗ୍ରାହୀ, ନରେନ୍ଦ୍ର ପଣ୍ଡା ଓ ସ୍ୱପ୍ନେଶ୍ୱର ପୃଷ୍ଟି ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ ।

# ଥଇଥାନ ପରେ ଉଚ୍ଛେଦ କର

**ବରଗଡ଼ ଅଫିସ୍,୧୭।୬**

ବରଗଡ଼ ପୌର ପରିଷଦ ପକ୍ଷରୁ ରାସ୍ତା ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି। ଏଥିପାଇଁ ଡାକବାଜି ଯନ୍ତ୍ରରେ ତୁହାକୁ ତୁହା ପ୍ରଚାର କରାଯାଉଛି । ଗୁରୁବାର ସହର ଉପକଣ୍ଠ ଅମ୍ବାପାଲିରେ ଜବରଦଖଲ ଉଚ୍ଛେଦ କରାଯାଇଛି। ସେହିପରି ଆଗାମୀ ଦିନରେ ବରଗଡ଼ ସହର ମୁଖ୍ୟରାସ୍ତା ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ଅଭିଯାନ କାର୍ଯ୍ୟକ୍ରମ ରହିଛି। ଏହାକୁ ନେଇ ସ୍ଥାନୀୟ ଉଠାଦୋକାନୀମାନେ ଚିନ୍ତିତ ହୋଇପଡ଼ିଛନ୍ତି। ଉଚ୍ଛେଦ ପୂର୍ବରୁ ଥଇଥାନ କରିବାକୁ ସେମାନେ ଦାବି କରିଛନ୍ତି। ଏହି କ୍ରମରେ ଶୁକ୍ରବାର ସହରର ଉଠା ଦୋକାନୀମାନେ ଏକାଠି ହୋଇ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

ବରଗଡ଼ ସହରରୁ ଓଭରବ୍ରିଜ୍ ଏବଂ ଗାନ୍ଧୀଛକଠାରୁ ଭଟଲି ଛକ ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱରେ ଉଠାଦୋକାନ ରହିଛି। ଚା, ଫଳ ଆଦି ଦୋକାନ ଦେଇ କିଛି ବ୍ୟବସାୟୀ ନିଜ ପରିବାର ଗୁଜୁରାଣ ମେଣ୍ଟାଉଛନ୍ତି। ସେମାନଙ୍କ ଅନ୍ୟ କୌଣସି ରୋଜଗାର ପନ୍ଥା ନାହିଁ।



ଉଚ୍ଛେଦ ପୂର୍ବରୁ ଥଇଥାନ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଉଠା ଦୋକାନୀବୃନ୍ଦ ।

## ଉଠା ଦୋକାନୀଙ୍କ ଦାବି

ଦୀର୍ଘବର୍ଷ ହେଲା ସେମାନେ ତାକୁ ନିଜ ଜୀବିକା ଭାବେ ଆଦରି ନେଇ ପରିବାର ପୋଷଣ କରି ଆସୁଛନ୍ତି। ତେବେ ଗତ କିଛିଦିନ ହେଲା ପୌର ପରିଷଦ କୌଣସି ଥଇଥାନ ବ୍ୟବସ୍ଥା ନ କରି ଉଚ୍ଛେଦ ପାଇଁ ଡାକବାଜି ଯନ୍ତ୍ରରେ ପ୍ରଚାର କରୁଥିବା ଯୋଗୁ ଜୀବିକା ହରାଇବା ନେଇ ସେମାନେ ଆଶଙ୍କିତ ହୋଇ ପଡ଼ିଛନ୍ତି।

ଆଗକୁ ବର୍ଷା ଆସୁଥିବାବେଳେ ଏବେ ଉଚ୍ଛେଦ କରାଗଲେ ସେମାନଙ୍କ ଜୀବନ ଦୁର୍ବିଷହ ହୋଇପଡିବ ବୋଲି ଉଠା ଦୋକାନୀ ଗୋପାଳ ରାଉତ କହିଛନ୍ତି। ସେହିପରି ଉଠା ଦୋକାନୀ ସ୍ୱାଧୀନ ନାଏକ କହିଛନ୍ତି, ଜମିବାଡ଼ି କିଛି ନ ଥିବାରୁ ସେମାନେ ରାସ୍ତାପାର୍ଶ୍ୱରେ ଉଠା ଦୋକାନ କରିଛନ୍ତି। ସେଥିରୁ ଯାହା ମିଳେ, ସେଥିରେ ସେମାନଙ୍କ ଚୁଲି ଜଳେ। ମାତ୍ର କୌଣସି ଥଇଥାନ ବ୍ୟବସ୍ଥା ନ କରି ଉଚ୍ଛେଦ ପାଇଁ ପ୍ରଚାର କରାଯାଉଛି। ଏଭଳି ହେଲେ ପରିବାର ପୋଷଣ କଷ୍ଟସାଧ୍ୟ ହୋଇପଡ଼ିବ ବୋଲି ସେ କହିଛନ୍ତି। ଉଚ୍ଛେଦ ପୂର୍ବରୁ ଥଇଥାନ ବ୍ୟବସ୍ଥା କରିବାକୁ ଉଠା ଦୋକାନୀମାନେ ଜିଲା ପ୍ରଶାସନକୁ ନିବେଦନ କରିଛନ୍ତି। ସ୍ମାରକପତ୍ର ପ୍ରଦାନ ବେଳେ କଳାକାହ୍ନୁ ସାହୁ, ଗୋପାଳ ରାଉତ, ସ୍ୱାଧୀନ ନାଏକଙ୍କ ସମେତ ବହୁ ଉଠାଦୋକାନୀ ଉପସ୍ଥିତ ଥିଲେ।

# ସ୍କୁଲରେ ନାମ ଲେଖାଇବେ ଅଧାରୁ ପାଠ ଛାଡିଥିବା କିଶୋରୀ

**ସୋନପୁର,୧୭।୬(ନି. ପ୍ର.)**

ଅଧାରୁ ପାଠ ଛାଡିଥିବା ସୁବର୍ଣ୍ଣପୁର ଜିଲାର କିଶୋରୀମାନେ ପୁଣି ସ୍କୁଲକୁ ଯିବେ। ଜିଲାପାଳ ଆବୋଲି ସୁନିଲ ନରୱଣେଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଚଳିତ ଶିକ୍ଷାବର୍ଷରେ ଯେପରି କୌଣସି ଗୋଟିଏ ବି ଝିଅ ସ୍କୁଲ ବାହାରେ ନ ରହିବେ ସେଥିପ୍ରତି ଶିକ୍ଷା ବିଭାଗ ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏପରି କି ଯଦି କୌଣସି ଝିଅ ନିର୍ଦ୍ଦିଷ୍ଟ ବୟସ ପୂର୍ବରୁ ବାହା ହୋଇ କିମ୍ବା ଅନ୍ୟ କୌଣସି କାରଣରୁ ପାଠ ଛାଡିଛନ୍ତି ଅବା ଗାଁ ବାହାରକୁ ଚାଲି ଯାଇଛନ୍ତି ସେ ତଥ୍ୟ ସଂଗ୍ରହ ଉପରେ ଗୁରୁତ୍ୱ ଦିଆଯାଇଛି। ସେହି ଝିଅମାନଙ୍କୁ ଖୋଜି ବାହାର କରିବା ସହ ସେମାନଙ୍କୁ ପୁନଃ ସ୍କୁଲରେ ପଢିବା ନିମନ୍ତେ ଉତ୍ସାହିତ କରିବା ଉପରେ ପଦକ୍ଷେପ ନେବାକୁ ଜିଲାପାଳ କହିଛନ୍ତି। ଏହି କାର୍ଯ୍ୟକୁ ଅଧିକ ସକ୍ରିୟ ଓ ସୁନିଶ୍ଚିତ କରିବା ନିମନ୍ତେ ସମସ୍ତ ବିଇଓ ଗତ ଦୁଇଟି ଶିକ୍ଷାବର୍ଷର ଡ୍ରପ ଆଉଟ ଛାତ୍ରୀଙ୍କ ତାଲିକା ପ୍ରସ୍ତୁତ କରି ପ୍ରଦାନ କରିବେ। ବିଦ୍ୟାଳୟ ବାହାରେ ଥିବା କିଶୋରୀଙ୍କ ବାହାଘର ହୋଇଥିଲେ କିମ୍ବା କିଶୋରୀ ମାତୃତ୍ୱ ଲାଭ କରିଥିଲେ ସମ୍ପୃକ୍ତ ଅଞ୍ଚଳରେ ଥିବା ସ୍କୁଲର ପ୍ରଧାନ ଶିକ୍ଷକ, ସିଆରସିସି, ସିଡିପିଓ, ସୁପରଭାଇଜର ସେମାନଙ୍କ ଘର ଲୋକଙ୍କ ସହ ପରାମର୍ଶ କରି ପୁନର୍ବାର ବିଦ୍ୟାଳୟକୁ ଫେରାଇ ଆଣିବା ନିମନ୍ତେ ପ୍ରଯତ୍ନ କରିବାକୁ ପରାମର୍ଶ ଦେଇଛନ୍ତି। ସୋନପୁରର ବବିତା ମୁଣ୍ଡା, ମମତା ପ୍ରଧାନ ଏବଂ ଉଲୁଣ୍ଡାର ଭଗବତୀ ଘିବେଲା ବାହାଘର ପରେ ମଧ୍ୟ ପୁନର୍ବାର ବିଦ୍ୟାଳୟରେ ପାଠପଢା ଜାରି ରଖିଛନ୍ତି ଯାହା ପ୍ରଶଂସନୀୟ ବୋଲି ଜିଲାପାଳ କହିଥିଲେ। ବୈଠକରେ ବାଲ୍ୟ ବିବାହ ପରାମର୍ଶଦାତା ଏକ୍ସନଏଡ଼ର ରାକେଶ ପ୍ରଧାନ ଜିଲାରେ ବାଲ୍ୟ ବିବାହ ଓ କିଶୋରୀ ମାତୃତ୍ୱ ଉପରେ ବିବରଣୀ ପ୍ରଦାନ କରିଥିଲେ। ପରେ ଜିଲାରେ ୫ ଟିରେ ଅନ୍ତର୍ଭୁକ୍ତ ହୋଇଥିବା ହାଇସ୍କୁଲର ବିଭିନ୍ନ କାର୍ଯ୍ୟକାରିତା ଉପରେ ସମୀକ୍ଷା ହୋଇଥିଲା । ଆଇସିଟି ଲ୍ୟାବ, ସ୍ମାର୍ଟ କ୍ଲାସ ଓ ସାଇନ୍ସ ଲ୍ୟାବର ସମ୍ପୂର୍ଣ୍ଣ ଉପଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଅତିରିକ୍ତ ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡତ୍ୟା,ନୋଡାଲ ଅଧିକାରୀ ଅଭିଳାଷ ପୁରୋହିତ, ଡିଏସଡବ୍ଲୁଓ ଗୌରମଣି ହାଁସଦା, ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ସମସ୍ତ ସିଆରସିସି, ସମସ୍ତ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକ ଯୋଗଦାନ କରିଥିଲେ।

# ଶ୍ରମିକ ବଦଳରେ ମେଶିନ କରୁଛି କାମ

**ବାଉଁଶୁଣୀ,୧୭।୬(ଡି.ଏନ୍.ଏ.)**

ବୌଦ୍ଧ ବ୍ଲକ ବାଉଁଶୁଣୀ ଗ୍ରାମପଞ୍ଚାୟତ ଗଡଭିତର ଗ୍ରାମରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବ୍ୟାପକ ଅନିୟମିତତା ଓ ମେଶିନ ସାହାଯ୍ୟରେ କାମ ହେଉଥିବା ଦେଖିବାକୁ ମିଳିଛି। ମିଳିଥିବା ସୂଚନା ଅନୁଯାୟୀ ଗଡଭିତର ଗାଁ ବନ୍ଧରେ ମେଶିନ ଲଗାଇ ମାଟି ଖୋଳା ହେଉଛି। ପୁରୁଣା କାମ ଉପରେ ମେଶିନ ଲଗାଇ ଅଳ୍ପ କାମ କରି ଓ ପୁରୁଣା ପିଟକୁ ଉଖାଡି ନୂଆ କାମ କରା ଯାଇଥିବା ଦେଖାଇ ଲକ୍ଷ ଲକ୍ଷ ଟଙ୍କାର ସରକାରୀ ଅନୁଦାନକୁ ହଡ଼ପ କରିବାର ମସୁଧା ଚାଲିଥିବା ଅଭିଯୋଗ ହୋଇଛି। ଉକ୍ତ ଗ୍ରାମ ପଞ୍ଚାୟତ ଦାୟିତ୍ୱରେ ଥିବା ଅଧିକାରୀ ସ୍ଥାନୀୟ ଠିକାଦାରମାନଙ୍କ ସହ ହାତ ମିଶାଇ ଏଭଳି ହରିଲୁଟରେ ସହାୟତା କରୁଥିବା



ଗଡଭିତର ଗ୍ରାମରେ ମେଶିନରେ କାମ ଚାଲିଛି।

ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ମେଶିନ ଲଗାଇ କାର୍ଯ୍ୟ ହେଉଥିବା କଥା ଶୁଣି ବାଉଁଶୁଣୀ ଜିଆରଏସଙ୍କୁ ପଚାରିବାରୁ ହଁ ମେଶିନ କାମ ଚାଲୁଛି କହି ଫୋନ କାଟି ଦେଇଥିଲେ। ତୁରନ୍ତ ଜିଲାପାଳ ଏହି ସମସ୍ୟା ଉପରେ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ଦୁଇ ଭଉଣୀଙ୍କୁ ସମ୍ମାନିତ କଲେ ମନ୍ତ୍ରୀ

**ବରଗଡ଼ ଅଫିସ୍,୧୭।୬**

କେରଳର ତିରୁଅନନ୍ତପୁରମଠାରେ ଗତ ମାସରେ ଅନୁଷ୍ଠିତ ଜାତୀୟ ମାଷ୍ଟର ଗେମ୍ସ ଖେଳକୁଦ ପ୍ରତିଯୋଗିତାରେ ବରଗଡ଼ର ଦୁଇ ଭଉଣୀ ଅରୁଣା ଘିବେଲା ଏବଂ ଅନୁପମା ଘିବେଲାଙ୍କୁ ରାଜ୍ୟ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ସମ୍ମାନିତ କରିଛନ୍ତି। ପ୍ରକାଶଥାଉକି, ଜାତୀୟ ମାଷ୍ଟର ଗେମ୍ସ ଖେଳକୁଦ ପ୍ରତିଯୋଗିତାରେ ଭାଗ ନେଇ ଉଚ୍ଚଡିଆଁ ପ୍ରତିଯୋଗିତାରେ ଅରୁଣା ସ୍ୱର୍ଣ୍ଣପଦକ ପାଇଥିବାବେଳେ ୮୦ମିଟର ହର୍ଡ଼ଲ ରେସ୍‌ରେ ଅନୁପମା ରୌପ୍ୟପଦକ ହାସଲ କରିଛନ୍ତି।

# ଜବରଦଖଲ ଅଭିଯାନକୁ ବିରୋଧ କରି ଦାବିପତ୍ର



କଂଗ୍ରେସ କର୍ମକର୍ତ୍ତା ଦାବିପତ୍ର ଦେଉଛନ୍ତି।

**ବୌଦ୍ଧ,୧୭।୬(ସ୍ୱ.ପ୍ର.)**

ବୌଦ୍ଧ ସହର ମଧ୍ୟରେ ଚାଲିଥିବା ଜବରଦଖଲ ଅଭିଯାନକୁ ଜିଲା କଂଗ୍ରେସ କମିଟି ପକ୍ଷରୁ ବିରୋଧ କରାଯାଇଛି। ଏନେଇ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଦାବିପତ୍ରକୁ ଅତିରିକ୍ତ ଜିଲାପାଳ ଗ୍ରହଣ କରିଛନ୍ତି। ବର୍ତ୍ତମାନ ଜିଲା ପ୍ରଶାସନ ଦ୍ୱାରା ବୌଦ୍ଧ ସହରରେ ଚାଲୁରହିଥିବା ଘରଭଙ୍ଗା ସାଙ୍ଗକୁ ଉଠାଦୋକାନୀମାନଙ୍କୁ ଉଚ୍ଛେଦ ପ୍ରକ୍ରିୟା କାର୍ଯ୍ୟକ୍ରମକୁ ନିନ୍ଦା କରିବା ସହ ଏଥିରୁ ପ୍ରଶାସନ ନିବୃତ ରହିବାକୁ ଦାବି କରାଯାଇଛି। ବୌଦ୍ଧ ସହରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟକ୍ରମକୁ ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ୱାଗତ କରାଯାଇଛି। ଜବରଦଖଲକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ସପକ୍ଷରେ ମତ ପ୍ରକାଶ କରିଥିବାବେଳେ ସେମାନଙ୍କର ଉପଯୁକ୍ତ ଥଇଥାନ ପ୍ରତି ସର୍ବଦା ପ୍ରଶାସନ ଅଗ୍ରାଧିକାର ଦେବା ଆବଶ୍ୟକତା ରହିଛି ଏବଂ ବର୍ତ୍ତମାନ ବର୍ଷାଋତୁ ପହଞ୍ଚି ସାରିଥିବା ବେଳେ ପ୍ରଶାସନ ମଧ୍ୟ ଏଥିପ୍ରତି ଗୁରୁତର ସହ ଚିନ୍ତା କରିବା ଆବଶ୍ୟକ ବୋଲି ଦାବିପତ୍ରରେ ଉଲ୍ଲେଖ ଅଛି। ଜିଲା ସଭାପତି ନବ କୁମାର ମିଶ୍ରଙ୍କ ନେତୃତ୍ୱରେ ଜିଲା ମୁଖପାତ୍ର ଶାନ୍ତନୁ ମହାପାତ୍ର, ଉପସଭାପତି ସମରେଶ ମିଶ୍ର, ଆଇନଜୀବୀ ବିଶ୍ୱଜିତ ମିଶ୍ର, ଉଦୟନାଥ ଶର୍ମା, ବରିଷ୍ଠ ନେତା ପ୍ରଶାନ୍ତ ସାହୁ, ବୁଦ୍ଧଦେବ ପ୍ରଧାନ, ଜିଲା ସଭାନେତ୍ରୀ କବିତା ମହାକୁଡ, ପ୍ରଭାତୀ ବେହେରା ପ୍ରମୁଖ ସାମିଲ ଥିଲେ।

# ବରଗଡ଼ରେ କଂଗ୍ରେସର ପ୍ରତିବାଦ ସଭା

**ବରଗଡ଼ ଅଫିସ୍,୧୭।୬**

ନ୍ୟାଶନାଲ ହେରାଲ୍ଡ ମାମଲାରେ ରାହୁଲ ଗାନ୍ଧୀଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ବାରମ୍ବାର ଡକାଇ ହଇରାଣ କରାଯିବା ଏବଂ ଆନ୍ଦୋଳନରତ କଂଗ୍ରେସ ଦଳର ବରିଷ୍ଠ ନେତାଙ୍କୁ ପୋଲିସ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ପ୍ରତିବାଦରେ ଶୁକ୍ରବାର ବରଗଡ଼ ଟାଉନ ଥାନା ସମ୍ମୁଖରେ ଜିଲା କଂଗ୍ରେସ ପକ୍ଷରୁ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଦଳର ଜିଲା ସଭାପତି ନିହାର ରଞ୍ଜନ ମହାନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରକୁ କଡ଼ା ସମାଲୋଚନା କରିଥିଲେ। ଦେଶରେ ଦରଦାମ ବୃଦ୍ଧି, ବେକାରୀ ସମସ୍ୟା ବୃଦ୍ଧି ନିୟନ୍ତ୍ରଣରେ ବିଫଳ ହୋଇଥିବା କେନ୍ଦ୍ର ସରକାର



ବରଗଡ଼ ଥାନାଛକରେ କଂଗ୍ରେସର ପ୍ରତିବାଦ ସଭା।

ରାହୁଲ ଗାନ୍ଧୀଙ୍କୁ ବଦନାମ କରିବା ପାଇଁ ଅପଚେଷ୍ଟା କରୁଥିବା କଂଗ୍ରେସ ନେତାମାନେ ଅଭିଯୋଗ କରିଥିଲେ। ଆଗାମୀ ଦିନରେ କେନ୍ଦ୍ର ସରକାରଙ୍କ ସେଭଳି ଅପଚେଷ୍ଟାର ଉଚିତ ଜବାବ ଜନସାଧାରଣ ଦେବେ ବୋଲି କଂଗ୍ରେସ ନେତୃବୃନ୍ଦ ମତପ୍ରକାଶ କରିଥିଲେ। ଉକ୍ତ ପ୍ରତିବାଦ ସଭାରେ ପ୍ରଦେଶ କଂଗ୍ରେସ କମିଟିର ପର୍ଯ୍ୟବେକ୍ଷକ ତଥା ପୂର୍ବତନ ମନ୍ତ୍ରୀ ଯୁଧିଷ୍ଠିର ଜେନା, ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, କଂଗ୍ରେସ ନେତା ପ୍ରଦୀପ ଦେବତା, ନିପନ ଦାଶ, ଯୁଗଳ ପ୍ରସାଦ ସିଂ, ହରଦୀପ ସିଂ, ରବି ପଣ୍ଡା, ପାଣ୍ଡବ କର୍ଣ୍ଣ, ବ୍ରହ୍ମା ମହାକୁଡ଼, ପ୍ରତାପ ନାୟକଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ଏଡ଼ିଇଓଙ୍କ ଅନ୍ତର୍ମାନ ନିର୍ଦ୍ଧାରଣ ପରୀକ୍ଷା କେନ୍ଦ୍ର ପରିଦର୍ଶନ

**ବରଗଡ଼ ଅଫିସ୍,୧୭।୬**

ବରଗଡ଼ ଶିକ୍ଷା ଜିଲାରେ ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ସ୍କୁଲରେ ଛାତ୍ରୀଛାତ୍ରଙ୍କ ପାଇଁ ଶୁକ୍ରବାରଠାରୁ ଅନ୍ତର୍ମାନ ନିର୍ଦ୍ଧାରଣ ପରୀକ୍ଷା ଆରମ୍ଭ ହୋଇଛି। ତୃତୀୟରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ ୨ଦିନ ଧରି ଗଣିତ, ଇଂରାଜୀ, ସାହିତ୍ୟ ପରୀକ୍ଷା କରାଯାଇ ଛାତ୍ରୀଛାତ୍ରଙ୍କ ମାନ ଯାଞ୍ଚ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ପରୀକ୍ଷା କିଭଳି ଚାଲିଛି, ତାହା ଜାଣିବା ପାଇଁ ଶୁକ୍ରବାର ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ(ଏଡ଼ିଇଓ) ଜ୍ୟୋତିକାନ୍ତ ସାହୁ ବରଗଡ଼ ସରକାରୀ ବାଳିକା ହାଇସ୍କୁଲ, ସରକାରୀ ବାଳକ ହାଇସ୍କୁଲ, ଅତାବିରା, ଟୋପ, ସିଂହପାଲି, ରାଣାପ୍ରତାପ ହାଇସ୍କୁଲ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ପରିଦର୍ଶନରେ ଛାତ୍ରୀଛାତ୍ର ଏବଂ ପରୀକ୍ଷା କେନ୍ଦ୍ର ଦାୟିତ୍ୱରେ ରହିଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସେ ଭେଟିଥିଲେ। ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ଉପସ୍ଥାନ ସନ୍ତୋଷଜନକ ରହିଥିବା ଦେଖିବାକୁ ମିଳିଥିଲା ବୋଲି ଏଡ଼ିଇଓ ସାହୁ ପ୍ରକାଶ କରିଛନ୍ତି।

# ଯାଦବ ସମାଜ ବୈଠକ

**ଜାମଟିକ୍ରା,୧୭।୬(ଡି.ଏନ.ଏ.)**

ଅତାବିରା ବ୍ଲକ ଅନ୍ତର୍ଗତ ଝିଲିମିଣ୍ଡା ପଞ୍ଚାୟତ ଅଧୀନ ରଙ୍ଗିଆଟିକ୍ରାଠାରେ ଯାଦବ ସମାଜର ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ତୀର୍ଥବାସୀ ପୋଢଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକ ଯାଦବ ସମାଜ ସଭାପତି ଅର୍ଜୁନ ଦୀପ, ଆଶ୍ରମ ବନଛୁର, ଦଇତାରୀ ଜାଲ, ସୁରେନ୍ଦ୍ର ପୋଢ, ଜୟକୃଷ୍ଣ ଗହିର, ପବିତ୍ର ବାଗ, ସନ୍ତୋଷ କଠାର, ବିଶ୍ୱନାଥ ଥପା, ରହେନମାଲ ଜାଲ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଏକତା ବଜାୟ ରଖିବା ସହ ସମାଜର ବିଭିନ୍ନ ଉନ୍ନୟନମୂଳକ କାମ ସମ୍ପର୍କରେ ଆଲୋଚନା ହୋଇଥିଲା। ଶେଷରେ କୃଷ୍ଣ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ।

# ବୌଦ୍ଧ ବ୍ଲକ ସରପଞ୍ଚ ସଂଘ ଗଠନ, କର୍ମକର୍ତ୍ତା ଚୟନ

**ବାଉଁଶୁଣୀ, ୧୭।୬(ଡି.ଏନ୍.ଏ.)**

ବୌଦ୍ଧ ପଞ୍ଚାୟତ ସମିତି ସଭା ଗୃହରେ ବୌଦ୍ଧ ବ୍ଲକର ୨୩ଟି ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସରପଞ୍ଚମାନଙ୍କ ଏକତା ଓ ସାମୂହିକ କାର୍ଯ୍ୟ ସାଧନ ନିମନ୍ତେ ସରପଞ୍ଚ ସଂଘ ଗଠନ ନିମନ୍ତେ ପ୍ରସ୍ତାବ ନିଆଯାଇଥିଲା। ବୈଠକରେ ସମସ୍ତ ସରପଞ୍ଚଙ୍କ ଆଲୋଚନା ଓ ନିଷ୍ପତ୍ତି କ୍ରମେ ସଂଘ ଗଠନ କରାଯାଇଥିଲା। ସମସ୍ତଙ୍କ ନିଷ୍ପତ୍ତି କ୍ରମେ ବ୍ରାହ୍ମଣୀପାଲି ପଞ୍ଚାୟତର ସରପଞ୍ଚ ଅରୁଣ ବାଘଙ୍କୁ ସଂଘର ସଭାପତି କରାଯାଇଛି। ସେହିପରି ଖୁଣ୍ଟବନ୍ଧ ପଞ୍ଚାୟତ ସରପଞ୍ଚ ଚୁନୀ ମହାନନ୍ଦିଆଙ୍କୁ ଉପସଭାପତି, ଗୁନ୍ଦୁଲିଆ ପଞ୍ଚାୟତ ସରପଞ୍ଚ ଧବଳେଶ୍ୱର ସିଂଙ୍କୁ ସମ୍ପାଦକ, କସୁରବନ୍ଧ ପଞ୍ଚାୟତ ସରପଞ୍ଚ ସରୋଜ କୁମାର କର୍ଣ୍ଣଙ୍କୁ ସହସମ୍ପାଦକ, ତାଳେସରଡା ପଞ୍ଚାୟତ ସରପଞ୍ଚ ସସ୍ମିତା ପାଣ୍ଡେଙ୍କୁ କୋଷାଧ୍ୟକ୍ଷ, ବଢିଗାଁ ସରପଞ୍ଚ ସିଦ୍ଧେଶ୍ୱର ପ୍ରଧାନଙ୍କୁ ଉପଦେଷ୍ଟା ଭାବରେ ମନୋନୀତ କରାଯାଇଥିଲା। ଶେଷରେ ପଦ୍ମନପୁର ପଞ୍ଚାୟତ ସୈଦାମିନି ବାରିକ ଧନ୍ୟବାଦ ଦେଇଥିଲେ।



ବୈଠକରେ ଉପସ୍ଥିତ ସରପଞ୍ଚ।

# ବୀମାରାଶି ନ ଦେଲେ ୨୪ରୁ ଆନ୍ଦୋଳନ

**ସୋହେଲା,୧୭।୬(ଡି.ଏନ.ଏ.)**

ଗତ ଖରିଫ ଋତୁରେ ବ୍ୟାପକ ମରୁଡି ଯୋଗୁ ବରଗଡ଼ ଜିଲା ସୋହେଲା ଅଞ୍ଚଳର ଚାଷୀ କ୍ଷତି ସହିଥିଲେ। ସେମାନେ ଫସଲ ବୀମା ଯୋଜନାରେ ପ୍ରୀମିୟମ ଦେଇଥିବାରୁ କ୍ଷତିପୂରଣ ଆଶାରେ ଥିଲେ। ମାତ୍ର ବର୍ଷେ ହେବ ବହୁ ଦାବି, ଆନ୍ଦୋଳନ, ଅନୁରୋଧ ପରେ ବି ସରକାର କିମ୍ବା ପ୍ରଶାସନ ଏ ଦିଗରେ ଚିନ୍ତା କରୁନାହାନ୍ତି। ଏହାର ପ୍ରତିବାଦରେ ଗତ ମେ ୨୭ରେ ସୋହେଲାରେ ଚାଷୀମାନେ ଜାତୀୟ ରାଜପଥକୁ ୧୫ ଘଣ୍ଟା ଅବରୋଧ କରି ଆନ୍ଦୋଳନ କରିଥିଲେ। ପୋଲିସ ବଳପ୍ରୟୋଗ କରି ଚାଷୀ ନେତାଙ୍କୁ ଗିରଫ କରିବାରୁ ଆନ୍ଦୋଳନ ବନ୍ଦ ହୋଇଥିଲା। ଶୁକ୍ରବାର ସୋହେଲା କୃଷକ ବିକାଶ ମଞ୍ଚ ସଭାପତି ଜୟକୃଷ୍ଣ ସାହୁ, କାର୍ଯ୍ୟକାରୀ ସଭାପତି



ଚାଷୀମାନେ ସୋହେଲା ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ମନୋହର ମାଝୀ, କପିଳ ଥପା, ଗୁଣସାଗର ପଧାନ, ଯୁଧିଷ୍ଠିର ନାୟକ, ତୀର୍ଥବାସୀ ପାତ୍ର, ଅନ୍ତର୍ଯାମୀ ପାତ୍ର, ଲକ୍ଷ୍ମଣ ପଧାନ, ଦୈତାରି ଭୋଇ, ଚନ୍ଦ୍ରଶେଖର ପଧାନ, ଗୁଣନିଧି ସାହୁ, କାନ୍ତ ଗଡ଼ତିଆଙ୍କ ସମେତ ବହୁ ଚାଷୀ ସୋହେଲା ତହସିଲଦାର ବିଶ୍ୱଜିତ ପଧାନଙ୍କ ମାଧ୍ୟମରେ ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଥିଲେ। ଫସଲ ବୀମା ପ୍ରଦାନରେ ବିଳମ୍ବ ହେଲେ ଆଗାମୀ ୨୪ ତାରିଖରୁ ରାସ୍ତାରୋକୋ ସହ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ କରାଯିବ ବୋଲି କୃଷକ ବିକାଶ ମଞ୍ଚ କାର୍ଯ୍ୟକାରୀ ସଭାପତି ମନୋହର ମାଝୀ ସୂଚନା ଦେଇଛନ୍ତି।

## ୧୩ ଜଣଙ୍କ ଠାରୁ ୧୦ହଜାର ଟଙ୍କା ଜରିମାନା ଆଦାୟ

ଗୁଡ଼ଭେଲା,(ଡି.ଏନ.ଏ.): ବଲାଙ୍ଗୀର ତୁଷୁରା ଏନଏସି ପକ୍ଷରୁ ଶୁକ୍ରବାର ରାସ୍ତାରେ ବେଆଇନ ଭାବେ ଇଟା, ବାଲି ଆଦି ପକାଇଥିବା ୧୩ ଜଣ ବ୍ୟକ୍ତିଙ୍କ ଠାରୁ ୧୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁ ଏହି ସୂଚନା ଦେଇଛନ୍ତି। ସହରର ରାସ୍ତାଘାଟରେ ବାଲି, ଇଟା ପକାଇ ରଖିବା ଫଳରେ ଯାତାୟାତରେ ଅସୁବିଧା ହେଉଥିବାରୁ ଦୁଇ ଦିନ ତଳେ ଡାକବାଜି ଯନ୍ତ୍ର ଯୋଗେ ଲୋକଙ୍କୁ ସଚେତନ କରାଯାଇଥିଲା। ଏହାସତ୍ତ୍ୱେ କେତେଜଣ ବ୍ୟକ୍ତି ଏହାକୁ ଖାତିର କରି ନ ଥିବାରୁ ସେମାନଙ୍କ ଠାରୁ ଜରିମାନା ଆଦାୟ କରାଯାଇଛି।

## ସଂକ୍ଷେପରେ

### ଅଭିଯୁକ୍ତଙ୍କୁ ୯ମାସ ସଶ୍ରମ କାରାଦଣ୍ଡ

**ଡକାୟତି ମାମଲାର ରାୟ ପ୍ରକାଶ**

ଭବାନୀପାଟଣା,୧୭।୬(ସ୍ୱ.ପ୍ର.): କଳାହାଣ୍ଡି ଜିଲା କୋକସରା ଥାନା ଲଡୁଗାଁ, ମହାଜନଗୁଡା ରାସ୍ତାରେ ଗତ ମାର୍ଚ୍ଚ ୨୫ରେ ହୋଇଥିବା ଏକ ଡକାୟତି ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। କୋକସରା ଏସ୍‌ଡିଜେଏମ କୋର୍ଟ ଏହି ଘଟଣାରେ ଲଡୁଗାଁର ୨ ଅଭିଯୁକ୍ତଙ୍କୁ ୯ ସାସ ଲେଖାଁଏ ସଶ୍ରମ କାରାଦଣ୍ଡ ପ୍ରଦାନ କରିଛନ୍ତି। ସୂଚନା ଯୋଗ୍ୟ, ସୁନାମାଲ ଗ୍ରାମ ଭାଲୁପଡାର ରୋହିତ କୁମାର ପାତ୍ର ମାର୍ଚ୍ଚ ୨୫ ସନ୍ଧ୍ୟାରେ ଲଡୁଗାଁରୁ ମହାଜନଗୁଡା ରାସ୍ତାରେ ଗାଁକୁ ଯାଉଥିଲେ। ଏହି ସମୟରେ ଏକ ରାଇସ ମିଲ ନିକଟରେ ଲଡୁଗାଁର ଦେବ ବାଗ ଓ ଶ୍ରବଣ ନିଆଲ ଏକ ବାଇକ୍‌ରେ ଆସି ରୋହିତଙ୍କୁ ଅଟକାଇଥିଲେ। ଏହାପରେ ତାଙ୍କଠାରୁ ଟଙ୍କା ଓ ମୋବାଇଲ ଛଡାଇ ନେଇଥିଲେ। ଏହାକୁ ନେଇ ଗତ ୨୭।୩।୨୦୨୨ରେ କୋକସରା ଥାନାରେ ଅଭିଯୋଗ ହୋଇଥିଲା। ଜାମିନ ନାମଞ୍ଜୁର ହେବାରୁ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ସେମାନେ ଜାମିନରେ ଆସନି ନ ଥିଲେ। ଯୁଟିପି ଟ୍ରାୟଲ ହେବା ପରେ ସମସ୍ତ ସାକ୍ଷ ପ୍ରମାଣ ଗ୍ରହଣ କରି ଶୁକ୍ରବାର କୋକସରା ମାଜିଷ୍ଟ୍ରେଟ ସେକ୍ସନ ୩୯୪ ଆଇପିସି ଡକାୟତି ମାମଲାରେ ସେମାନଙ୍କୁ ୯ ସାସ ଲେଖାଁଏ ସଶ୍ରମ କରାଦଣ୍ଡଦେଶ ପ୍ରଦାନ କରିଥିବା ସରକାରୀ ଓକିଲ ଅଜିତ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି ।

### ଲକ୍ଷାଧିକ ଟଙ୍କାର ଫର୍ନିଚର ଜବତ

ଲାଠୋର,୧୭।୬(ଡି.ଏନ.ଏ.): ଶୁକ୍ରବାର ଅପରାହ୍ନରେ ବଲାଙ୍ଗୀର ଜିଲ୍ଲା ଲାଠୋର ବନ ବିଭାଗ ପକ୍ଷରୁ ବନାଞ୍ଚଳ ଅଧୀନ ସହଜପାଣି ଗ୍ରାମରେ ଚଢାଉ କରାଯାଇ ଲକ୍ଷାଧିକ ଟଙ୍କାର ଫର୍ନିଚର ଜବତ କରାଯାଇଛି । ରେଞ୍ଜର ପ୍ରଭାତୀ ସେଠ ଏହି ସୂଚନା ଦେଇଛନ୍ତି । କୌଣସି ସୂତ୍ରରୁ ରେଞ୍ଜର ସାହାଜପାଣି ଗ୍ରାମର ଶଶୀ ମେହେର ବେଆଇନ ଭାବେ ଶାଗୁଆନ କାଠରେ ଫର୍ନିଚର ତିଆରି କରୁଥିବା ଖବର ପାଇଥିଲେ। ଫଳରେ ଶଶୀଙ୍କ ଘର ଉପରେ ଚଢ଼ାଉ କରାଯାଇଥିଲା । ଚଢ଼ାଉ ବେଳେ ତାଙ୍କ ଘରୁ ଅର୍ଦ୍ଧନିର୍ମିତ ୪ ଗୋଟି ବଡ ପଲଙ୍କ, ଗୋଟିଏ ଡାଇନିଂ, ଗୋଟିଏ ସୋଫା ସେଟ ଏବଂ ସାଇଜ ଶାଗୁଆନ ପଟା ଜବତ ହୋଇଥିଲା । ଜବତ ହୋଇଥିବା କାଠ ସାମଗ୍ରୀକୁ ଏକ ଟ୍ରାକ୍ଟର ଯୋଗେ ଲାଠୋର ବନ କାର୍ଯ୍ୟାଳୟକୁ ଅଣାଯାଇଛି। ବନ ବିଭାଗ ଚଢ଼ାଉ କରିବା ଖବର ପାଇ ଶଶୀ ଘରୁ ଫେରାର ହୋଇଯାଇଥିଲେ। ଏ ନେଇ ଏକ ମାମଲା (ନଂ.୭୯।୨୨) ରୁଜୁ କରି ତାଙ୍କୁ ଖୋଜା ଚାଲିଛି ବୋଲି ରେଞ୍ଜର ସେଠ କହିଛନ୍ତି । ଏହି ଚଢ଼ାଉରେ ଲାଠୋର ଏବଂ ହରିଶଙ୍କର ରେଞ୍ଜ ର ଫରେଷ୍ଟର ସାଗରିକା ସେଠ, ଘାସିରାମ ଦୀକ୍ଷିତ, ସୁଧୀର ଜେନା, ଗାର୍ଡ ଇନ୍ଦ୍ରମଣି ବେହେରା, ସଞ୍ଜୀବ ପ୍ରଧାନ ପ୍ରମୁଖ ସାମିଲ ଥିଲେ ।

### ନୀହାର ରଞ୍ଜନ ସୁବର୍ଣ୍ଣପୁର ପିଡି ଡିଆର୍‌ଡିଏ

ସୋନପୁର,୧୭।୬(ନି.ପ୍ର.): ସୁବର୍ଣ୍ଣପୁର ପିଡି ଡିଆରଡିଏ ଭାବେ ନିହାର ରଞ୍ଜନ କହଁର ଶୁକ୍ରବାର ଯୋଗଦାନ କରିଛନ୍ତି। ପ୍ରାକ୍ତନ ପିଡି ଡିଆରଡିଏ ଡୋଳାମଣି ପଟେଲଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଜ୍ୟ ସରକାର ଡୋଳାମଣିଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରିଛନ୍ତି। ଅନ୍ୟପକ୍ଷେ ନିହାର ରଞ୍ଜନ ସୋନପୁର ଉପଜିଲାପାଳ ଭାବେ କାର୍ଯ୍ୟରତ ଥିଲେ। ସେ ପଦୋନ୍ନତି ପାଇବା ପରେ ତାଙ୍କୁ ଏହି ନୂତନ ନିଯୁକ୍ତି ମିଳିଛି। କହଁର ପୂର୍ବରୁ ୨ ବର୍ଷ ଧରି ଜିଲାର ତରଭା ବ୍ଲକର ବିଡିଓ ଓ ପଦୋନ୍ନତି ପାଇବା ପରେ ୨ ବର୍ଷ ସୋନପୁର ଉପଜିଲାପାଳ ଭାବେ କାର୍ଯ୍ୟ କରିଛନ୍ତି। ପୂର୍ବାହ୍ନରେ କହଁର ପିଡି ଡିଆରଡିଏ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ସରକାରଙ୍କ ୫ ଟି ଓ ମୋ ସରକାର କାର୍ଯ୍ୟକ୍ରମର ଅନୁପାଳନ, ବିଭାଗୀୟ ସମସ୍ତ କାର୍ଯ୍ୟକ୍ରମକୁ ସୁନିଶ୍ଚିତ କରିବା, ଜନସାଧାରଣଙ୍କ ଆପତ୍ତି ଅଭିଯୋଗକୁ ପ୍ରାଧାନ୍ୟ ଦେବା ସହିତ ସରକାରଙ୍କ ଜନକଲ୍ୟାଣ ଯୋଜନାର ସୁଫଳ ଯେପରି ତୃଣମୂଳ ସ୍ତରରେ ପହଞ୍ଚିବ ଓ ଯୋଗ୍ୟ ହିତାଧିକାରୀ ଉପକୃତ ହେବେ ସେଥି ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଛନ୍ତି ।

# ବର୍ଷେ ହେବ ପାଇଖାନାରେ ବିତୁଛି ଜୀବନ

**ଆବାସ ଯୋଜନାରେ ଗୃହ ମିଳିବା ଆଶାରେ ଭାଙ୍ଗିଥିଲେ ଘର**

ସିନାପାଲି,୧୭।୬(ଡି.ଏନ.ଏ.)

ହିତାଧୀକାରୀଙ୍କୁ ଆବାସ ଯୋଜନାରେ ଗୃହ ମିଳିଥିବା କହି ଗୃହ ଭାଙ୍ଗିବାକୁ ପ୍ରଶାସନ କହିଥିଲା। ହେଲେ ଗୃହ ଭାଙ୍ଗିବାର ବର୍ଷେ ପରେ ମଧ୍ୟ ଗୃହ କାର୍ଯ୍ୟାଦେଶ ମିଳି ନ ଥିବାରୁ ବର୍ତ୍ତମାନ ଅସହାୟ ଅବସ୍ଥାରେ ଏକ ପାଇଖାନାରେ ପରିବାର ଲୋକେ ଆଶ୍ରୟ ନେଇଥିବା ଜଣାପଡ଼ିଛି। ଏଭଳି ଏକ ଘଟଣା ନୂଆପଡ଼ା ଜିଲା ସିନାପାଲି ବ୍ଲକ ଗଣ୍ଡାବାହଲି ଗ୍ରାମରେ ଦେଖିବାକୁ ମିଳିଛି। ପ୍ରକାଶ ଯେ, ୨୦୨୦-୨୧ରେ ଗ୍ରାମର ଟିକେଲାଲ ବନ୍ଦିଛୋରଙ୍କ ନାମରେ ଘର ଆସିଥିବା କହି ସ୍ଥାନୀୟ ପିଇଓ ସୁଶାନ୍ତ ବେହେରା ପୁରୁଣା ଘରକୁ ଭାଙ୍ଗିବାକୁ କହିଥିଲେ। ହେଲେ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାଦେଶ କିମ୍ବା ଗୃହ ଯୋଗାଇ ଦେବାକୁ ପ୍ରଶାସନ ଉଦ୍ୟମ କରିନାହିଁ। ଫଳରେ ଅନ୍ୟ ଉପାୟ ନ ପାଇ ପରିବାର ଲୋକେ ଏକ ପାଇଖାନାରେ ପଲିଥିନ ତଳେ ଆଶ୍ରୟ ନେଇଛନ୍ତି। ପରିବାର କହିଲେ ସ୍ୱାମୀ ସ୍ତ୍ରୀ, ଦୁଇ ନାବାଳକ ପୁଅ ଓ ଜଣେ ନାବାଳିକା ଝିଅ । ଜମିବାଡ଼ି କିଛି ନ ଥିବା ବେଳେ କେବଳ ୨ ଡିସିମିଲ ଜାଗା ରହିଛି। ଖାଉଟି କାର୍ଡରେ ଯାହା ଚାଉଳ ମିଳେ ସେଥିରେ ପରିବାର ଚଳନ୍ତି। କୁଲି ମଜୁରୀ କରି ପରିବାର ପ୍ରତିପୋଷଣ କରିବା ସହ ଦାଦନ ମଧ୍ୟ ଯାଇଥାନ୍ତି ବୋଲି କ୍ଷୋଭର ସହ ପ୍ରକାଶ କରିଛନ୍ତି। ସେହିପରି ଗ୍ରାମର ବାବୁଲାଲ ବାଗଙ୍କ ମଧ୍ୟ ସମାନ ଅବସ୍ଥା । ଘରକୁ ଭାଙ୍ଗି ଏବେ ଅନ୍ୟ ଏକ ଘରେ ପରିବାର ସହ ଆଶ୍ରୟ ନେଇଛନ୍ତି। ତାଙ୍କର ସ୍ୱାମୀ, ସ୍ତ୍ରୀ ସମେତ ବୃଦ୍ଧା ମା' ଓ ପୁଅ ରହିଛନ୍ତି। ଗଣ୍ଡାବାହାଲି ପଞ୍ଚାୟତର ଲବ ବାଗ, ପାର୍ବତୀ ମାଳି, ଭୁବନେ ଛାତ୍ରିଆ, ଦେବ ମାଳି, ରୂପେ ଲୋହାର, ରୂପସିଙ୍ଗ ପଟେଲ, ରୂପଧାର ଗହୀର, ଦେବ ମେହେର, ବାବୁଲା ବାଗ, ମୋତିରାମ ମେହେର, ପୁଷ୍ପା ମେହେର, ମରା ମେହେର, ଜୟନ୍ତୀ ବୈଠାରୁ ପ୍ରମୁଖଙ୍କୁ ଆବାସ ଯୋଜନାରେ ଘର ଆସିଛି କହି ଗୃହ ଭାଙ୍ଗି ନୂତନ ଗୃହ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି। ରାଜ୍ୟ ଦଳିତ ଅଧିକାର ମଞ୍ଚ ରାଜ୍ୟ ସଭାପତି କମଳ ଚରଣ ତାଣ୍ଡି ଗଣ୍ଡାବାହଲି ଗ୍ରାମରେ ପହଞ୍ଚି ଏହି ପରିବାରକୁ ସାକ୍ଷାତ କରି ଯଥାଶୀଘ୍ର ଆବାସ ଯୋଜନାରେ ସାମିଲ କରିବା ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ପିଇଓ ସୁଶାନ୍ତ ବେହେରାଙ୍କୁ ପଚାରିବାରୁ ବ୍ଲକ ପ୍ରଶାସନ ନିର୍ଦ୍ଦେଶ ପରେ କହିଥିଲି ବୋଲି କହିଛନ୍ତି। ବିଡିଓ ସଦାଶିବ ନାଏକଙ୍କୁ ପଚାରିବାରୁ ଆମେ କେବଳ ବାଲି ଓ ଇଟା ଯୋଗାଡ଼ କରିବା ପାଇଁ କହିଥିଲୁ, ଘର ଭାଙ୍ଗିବାକୁ ନୁହଁ। ଆସନ୍ତା ମାସକ ଭିତରେ ଘର ଦିଆଯିବ ବୋଲି କହିଛନ୍ତି।


ଗଣ୍ଡାବାହଲି ଗ୍ରାମର ଟିକେଲାଲ ବନ୍ଦିଛୋରଙ୍କ ପରିବାର ।

# ବ୍ଲଡ ବ୍ୟାଙ୍କ, ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦାବି


ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଜୁନାଗଡ଼ ଡାକ୍ତରଖାନା**

■ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର

ଭବାନୀପାଟଣା,୧୭।୬(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ ଡାକ୍ତରଖାନାରେ ବ୍ଲଡ ବ୍ୟାଙ୍କ ସ୍ଥାପନ ଓ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦାବି ନେଇ ଶୁକ୍ରବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜୁନାଗଡ କଳାହାଣ୍ଡି ଜିଲାର ସର୍ବପୁରାତନ ସହର ଭାବେ ପରିଚିତ ଥିବାବେଳେ ଜିଲାର ଏହା କେନ୍ଦ୍ର ସ୍ଥଳୀରେ ରହିଛି। ଏଠାରେ ୨୫ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ବାସ କରନ୍ତି। ଏଥିସହ ବ୍ଲକ ଓ ଉପଖଣ୍ଡରେ ପ୍ରାୟ ୨ ଲକ୍ଷ ଲୋକ ଏହି ଡାକ୍ତରଖାନା ଉପରେ ନିର୍ଭର କରନ୍ତି। ହେଲେ ଦୀର୍ଘ ଦିନରୁ ଏହି ଡାକ୍ତରଖାନା ଅବହେଳିତ ଅବସ୍ଥାରେ ରହିଛି। ଏଠାରେ ଏକ ବ୍ଲଡ ବ୍ୟାଙ୍କ ସ୍ଥାପନ ସହ ବିଶେଷଜ୍ଞ ଡାକ୍ତର ନିଯୁକ୍ତ ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସରକାର କର୍ଣ୍ଣପାତ କରିନାହାନ୍ତି। ତୁରନ୍ତ ଏଠାରେ ଏକ ବ୍ଲଡ ବ୍ୟାଙ୍କ ସହ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ପାଇଁ ଜିଲା ଯୁବ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ସେହିପରି ଆସନ୍ତା ୨୭ ତାରିଖ ସୁଦ୍ଧା ଏହି ଦାବି ପୂରଣ ନ ହେଲେ ଯୁବ କଂଗ୍ରେସ ପକ୍ଷରୁ ସ୍ଥାନୀୟ ଡାକ୍ତରଖାନା ସମ୍ମୁଖରେ ଆମରଣ ଅନଶନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଜିଲା ଯୁବ କଂଗ୍ରେସ ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ସମୟରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ତ୍ରିଲୋଚନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ପୁନଃ ମୂଲ୍ୟାୟନ ଦାବିରେ ବିକ୍ଷୋଭ ପ୍ରଦର୍ଶନ



କଲେଜ ଛାତ୍ରୀଛାତ୍ରମାନେ ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ପରୀକ୍ଷା ଫଳାଫଳକୁ ନେଇ ଛାତ୍ରୀଛାତ୍ରଙ୍କ ଅସନ୍ତୋଷ**

ବଲାଙ୍ଗୀର ଅଫିସ,୧୭।୬

ଯୁକ୍ତତିନି ଶ୍ରେଣୀ ପଞ୍ଚମ ସେମିଷ୍ଟର ପରୀକ୍ଷା ଫଳାଫଳକୁ ନେଇ ଛାତ୍ର ଅସନ୍ତୋଷ ବଢ଼ିବାରେ ଲାଗିଛି। ଶୁକ୍ରବାର ପୂର୍ବାହ୍ନରେ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ କଲେଜ ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରି ପରୀକ୍ଷା ଖାତା ପୁନଃ ମୂଲ୍ୟାଙ୍କନ ଏବଂ ପୁନଃ ପରୀକ୍ଷା ଫଳ ପ୍ରକାଶନ ପାଇଁ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଛାତ୍ରୀଛାତ୍ରମାନେ ରାଜ୍ୟପାଳ ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳାଧିପତିଙ୍କ ଉଦ୍ଦେଶ୍ୟରେ ସହକାରୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବଲାଙ୍ଗୀର ସରକାରୀ କଲେଜ, ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ପରୀକ୍ଷା ପାଇଁ ଅନ୍‌ଲାଇନ୍ ମୋଡରେ ପାଠପଢ଼ା ହୋଇଥିଲା। ଅନେକ ସ୍ଥାନରେ କୋର୍ସ ଶେଷ ହୋଇ ନ ଥିବାବେଳେ ଅନେକ ଛାତ୍ରୀଛାତ୍ର ଅନ୍‌ଲାଇନ୍‌ରେ ଯୋଗ ଦେଇ ନ ଥିଲେ। ତେବେ ଏହି ପରୀକ୍ଷା ଫଳାଫଳ ପ୍ରକାଶ ପାଇବା ପରେ ଅନେକ ଛାତ୍ରୀଛାତ୍ରଙ୍କ ବ୍ୟାକ ରହିଥିବା ଜଣାପଡିଥିଲା। ବହୁ ଛାତ୍ରୀଛାତ୍ରଙ୍କ ମାର୍କ ଆଶାନୁରୂପକ ମିଳି ନ ଥିବା ଜଣାପଡିଥିଲା। ଏହାକୁ ନେଇ ଛାତ୍ରୀଛାତ୍ରମାନେ ମାନସିକ ଚାପରେ ରହିଥିବା ଅଭିଯୋଗ କରିଛନ୍ତି। କୋଭିଡ ମହାମାରୀ ସମୟରେ ପାଠପଢ଼ା ଅବ୍ୟବସ୍ଥିତ ହୋଇ ପଡିଥିବା ବେଳେ ଛାତ୍ରୀଛାତ୍ରଙ୍କ ଉପରେ ପରୀକ୍ଷା ଚାପ ସୃଷ୍ଟି ହୋଇଥିଲା। ଏଭଳି ସମୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କୁ ଅସହଯୋଗ କରିଥିବା ଅଭିଯୋଗ କରାଯାଇଛି। ଏହାର ପ୍ରତିବାଦ କରାଯିବା ସହ ତୁରନ୍ତ ଯୁକ୍ତତିନି ଶ୍ରେଣୀ ପଞ୍ଚମ ସେମିଷ୍ଟର ପରୀକ୍ଷା ଖାତା ପୁନଃ ମୂଲ୍ୟାୟନ କରାଯିବା ସହ ପୁନଃ ପରୀକ୍ଷା ଫଳାଫଳ ପ୍ରକାଶ କରାଯିବାକୁ ଛାତ୍ରୀଛାତ୍ରମାନେ ଦାବି କରିଥିଲେ।

# ଜିଲା କନ୍ଧ ସମାଜ ଯୁବ ସଂଗଠନ ପକ୍ଷରୁ ନିରଞ୍ଜନ ବିଶିଙ୍କ କୁଶ ପୁତ୍ତଳିକା ଦାହ

ଟିଟିଲାଗଡ,୧୭।୬(ଡି.ଏନ.ଏ.)

ଶୁକ୍ରବାର କନ୍ଧ ସମାଜ ଯୁବ ସଂଗଠନ ତରଫରୁ ରାଜ୍ୟସଭା ଏମ୍‌ପି ନିରଞ୍ଜନ ବିଶିଙ୍କୁ ଆଦିବାସୀ ବିରୋଧୀ ଭାବେ ଦର୍ଶାଯିବା ସହ ତାଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଜିଲା କନ୍ଧ ସମାଜ ସଭାପତି ସୁରେଶ ଭୋଇ, ଉପସଭାପତି ଧନେଶର ମାଝୀ ଓ ସମ୍ପାଦକ ଡିଙ୍ଗର ମାଝୀଙ୍କ ନେତୃତ୍ୱରେ ମହିଳା ଓ ପୁରୁଷମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହ ବାଜା ବଜାଇ ସ୍ଥାନୀୟ ଘଣ୍ଟାସୁଣି ମନ୍ଦିର ପ୍ରାଙ୍ଗଣରୁ ଏକ ରାଲିରେ ସହର ପରିକ୍ରମା କରିବା ସହ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ କୁଶ ପୁତ୍ତଳିକା ଦାହ କରାଯାଇଥିଲା । ନିରଞ୍ଜନ ରାଜ୍ୟସଭା ପଦବୀ ପାଇଁ ଆଦିବାସୀଙ୍କ ବୃହତ୍ତର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ବିଜେଡିରେ ଯୋଗ ଦେଇଥିବା ନେଇ କନ୍ଧ ଯୁବ ସମାଜ ଅଭିଯୋଗ ଉଠାଇଥିଲେ। ବିଗତ ଦିନରେ ଆଦିବାସୀ ମହାସଂଘର ମହାସଚିବ ଭାବରେ ବିଜେଡି ସରକାରର ତୀବ୍ର ବିରୋଧ କରୁଥିବା ବିଶି ପଦବୀ ଲୋଭରେ ଆଦିବାସୀଙ୍କ ସହ ବିଶ୍ୱାସ ଘାତକତା କରିଥିବା ନେଇ କନ୍ଧ ସମାଜ ପକ୍ଷରୁ ଅଭିଯୋଗ କରାଯାଇଥିଲା। ସଂଘ ତରଫରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳ ସତ୍ୟବାନ ମନୋଜ ମହାଜନଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ୪ ଦଫା ଦାବିପତ୍ରରେ ଓଡ଼ିଶାରେ ନକଲି ଆଦିବାସୀଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ବଲାଙ୍ଗୀର ଜିଲାର ସଇଁତଲା ବ୍ଲକ ଅନ୍ତର୍ଗତ ଡୁଙ୍ଗୁରିପାଲି ଗ୍ରାମରେ ନିର୍ମାଣ ହେବାକୁ ଥିବା ସୋଲାର ପାୱାର ପ୍ଲାଣ୍ଟକୁ ବନ୍ଦ କରିବା ଏବଂ ଚାଷୀଙ୍କୁ ୨୦୨୧ ଆର୍ଥିକ ବର୍ଷର କୃଷି ବୀମା ରାଶି ପ୍ରଦାନ କରିବା ଆଦି ଉଲ୍ଲେଖ ରହିଛି । ପ୍ରଶାସନ ପକ୍ଷରୁ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

# ଦିଲ୍ଲୀ ପୋଲିସର ଦମନଲୀଳାକୁ ବିରୋଧ କରି କଂଗ୍ରେସ ପକ୍ଷରୁ ଧାରଣା


ବୌଦ୍ଧରେ କଂଗ୍ରେସ କର୍ମକର୍ତ୍ତା ଧାରଣା ଦେଇଛନ୍ତି।

ବୌଦ୍ଧ,୧୭।୬(ସ୍ୱ.ପ୍ର.)

କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାରର ଏକଛତ୍ରବାଦ ଓ ଦିଲ୍ଲୀ ପୋଲିସର ଦମନଲୀଳା ବିରୋଧରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନକ୍ରମେ ବୌଦ୍ଧ ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲା ମୁଖ୍ୟ ଡାକଘର ସମ୍ମୁଖରେ ଦିନିକିଆ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କେନ୍ଦ୍ର ସରକାର ପ୍ରତିକ୍ରିୟାଶୀଳ ହୋଇ ଉଦ୍ଦେଶ୍ୟମୂଳକ ଭାବରେ କଂଗ୍ରେସର ନେତାମାନଙ୍କୁ ଟାର୍ଗେଟ କରି କ୍ଷମତାର ଅପବ୍ୟବହାର କରିବା ସହିତ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାମାନଙ୍କୁ ଲଗାଇ ହଇରାଣ କରୁଥିବାରୁ କଂଗ୍ରେସ ପକ୍ଷରୁ ଏହାର ଦୃଢ ନିନ୍ଦା କରାଯାଇଛି। କଂଗ୍ରେସର ଶୀର୍ଷ ନେତା ରାହୁଲ ଗାନ୍ଧୀଙ୍କ ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରିବାର ଚକ୍ରାନ୍ତ କରାଯାଇ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ପକ୍ଷରୁ ଯେଉଁଭଳି ଭାବରେ ତାଙ୍କୁ ଘଣ୍ଟା ଘଣ୍ଟା ଧରି ଅଟକ ରଖାଯାଇ ପଚରାଉଚୁରା କରାଯାଉଛି ଏହାକୁ ଜିଲା କଂଗ୍ରେସ କମିଟି ପକ୍ଷରୁ ବିରୋଧ କରାଯାଇଛି। କେନ୍ଦ୍ର ସରକାର ପ୍ରତିକ୍ରିୟାଶୀଳ ରାଜନୀତିରୁ ନ ଓହରିଲେ ଦେଶବ୍ୟାପି କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ନବ କୁମାର ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ଧାରଣାରେ ବରିଷ୍ଠ କଂଗ୍ରେସ ନେତା ନାରାୟଣ ପ୍ରସାଦ ପରିଜା, କବିତା ମହାକୁଲ, ଅଭାଗିନୀ ସାଥୁଆ, ପ୍ରଭାତୀ ବେହେରା, ଶାନ୍ତନୁ ମହାପାତ୍ର, ପ୍ରଶାନ୍ତ ସାହୁ, ସମରେଶ ମିଶ୍ର, ଗଣେଶ ଅଗ୍ରୱାଲ, ପିସିସି ସଦସ୍ୟ ରାଏ ସଞ୍ଜିବ କୁମାର ଦେଓ, ମାନଭଞ୍ଜନ ସାମଲ, ନାରାୟଣ ବେହେରା, ପ୍ରଦୀପ ଦାସ, ଉଦୟନାଥ ଶର୍ମା, ପଙ୍କଜ କୁମାର କର୍ଣ୍ଣ, ଚିତ୍ତରଞ୍ଜନ ବେହେରା, ତାରେଣି ଜେନା, ଜ୍ୟୋତିନ୍ଦ୍ର ସିହ୍ନା, ଅର୍ଜୁନ ମହାନନ୍ଦିଆ, ବେଣୁଧର ମେହେର, ସମରେନ୍ଦ୍ର ମହାକୁଳ, ରୋହିତାଶ୍ୱ ବେହେରାଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀ ସାମିଲ ହୋଇଥିଲେ।

# ପରିବହନ, ପୋଲିସ ଟିମ୍ ପକ୍ଷରୁ ରାତ୍ରିକାଳୀନ ଯାଞ୍ଚ

ସୋନପୁର,୧୭।୬(ନି.ପ୍ର.)

ଓଡିଶା ସରକାରଙ୍କ ପରିବହନ କମିଶନର ଓ ସୁବର୍ଣ୍ଣପୁର ଜିଲାପାଳ ଆବୋଲି ସୁନିଲ ନରୱଣେଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର ରାତ୍ରିରେ ମଦ୍ୟପାନ କରି ଗାଡି ଚଳାଇବା ନେଇ ଜିଲାର ପୋଲିସ ଅଧିକାରୀଙ୍କ ସହ ପରିବହନ ବିଭାଗର କର୍ମଚାରୀ ମିଳିତ ଯାଞ୍ଚ କରିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ରବୀନ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୋନପୁର ସହରର ନୂତନ ଟାଉନ ହଲ ସମ୍ମୁଖ ଓ ବ୍ଲକ ଛକ ଠାରେ ଯାଞ୍ଚ କରାଯାଇଥିଲା। ଏହି ସମୟରେ ୧୧ଟି ବିଭିନ୍ନ ଗାଡିକୁ ଜବତ କରା ଯାଇଥିବା ଜଣାପଡିଛି। ଗାଡିଗୁଡିକୁ ପରିବହନ କାର୍ଯ୍ୟାଳୟ ଓ ସୋନପୁର ଥାନା କାର୍ଯ୍ୟାଳୟ ପରିସରରେ ରଖା ଯାଇଥିବା ପରିବହନ ଅଧିକାରୀ ପଟ୍ଟନାୟକ ଜଣାଇଛନ୍ତି। ଏହି ରାତ୍ରିକାଳୀନ ଯାଞ୍ଚରେ ଅତିରିକ୍ତ ପରିବହନ ଅଧିକାରୀ ଶିବାଶିଷ ସାହୁ, କନିଷ୍ଠ ମୋଟର ଯାନ ନିରୀକ୍ଷକ ଲୋକନାଥ ନାୟକ, ସୋନପୁର ଥାନା କର୍ମଚାରୀ ସାମିଲ ଥିଲେ।

# ଜୁନାଗଡ଼ ନଗର କଳା ସଂସ୍କୃତି କମିଟି ଗଠିତ

ଜୁନାଗଡ,୧୭।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ନଗର ପାଇଁ ଶୁକ୍ରବାର ଏକ କଳା ସଂସ୍କୃତି କମିଟି ଗଠନ ହୋଇଯାଇଛି। ଏଥିରେ କମିଟି ସଭାପତି ଭାବେ ଜୁନାଗଡ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶମ୍ବର ମିଶ୍ର, ଉପସଭାପତି ଭାବେ ସଂକୀର୍ତ୍ତନ ଗୁରୁ ବିଘ୍ନରାଜ ବରାଡ, ସମ୍ପାଦକ କନ୍ଦର୍ପ ଗୁରୁ ମନୋନୀତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ସଂକିର୍ତ୍ତନ ଗୁରୁ ଘାସିରାମ ରାଉତ, କିଶନ ଦଳପତି, ନୃତ୍ୟ ଗୁରୁ ମାନସ ରଞ୍ଜନ ସେଠି, ଗୀତିକାର ପ୍ରସାଦ ଦଣ୍ଡସେନା, ସଂକିର୍ତ୍ତନ ଗାୟକ ଅଙ୍କିତ ଶର୍ମା, ଧ୍ୱଜ ପୂଝାରୀ, ପର୍ଶୁରାମ ଲେଞ୍ଜିଆ ପ୍ରମୁଖ ମନୋନୀତ ହୋଇଥିଲେ। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜୁନାଗଡ ଏନ୍‌ଏସି ଅଧକ୍ଷ ମୁକେଶ ଅଗ୍ରୱାଲ, ଉପାଧକ୍ଷା ହିମାଦ୍ରୀ ନାଏକ ଯୋଗଦେଇ ନୂତନ ସଂସ୍କୃତି କମିଟିକୁ ଶୁଭେଚ୍ଛା ଜଣାଇଥିଲେ।


ନୂତନ ସଂସ୍କୃତି କମିଟି କର୍ମକର୍ତ୍ତା।

# ପ୍ରକଳ୍ପର ପୁନରୁଦ୍ଧାର ଉପରେ ଗୁରୁତ୍ୱ

**ପାଣିପଞ୍ଚାୟତ ଆପେକ୍ସ କମିଟି ବୈଠକ**

■ବେହେରା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ

କୋକସରା,୧୭।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ବେହେରା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅଧୀନରେ ଥିବା ୮ଟି ପାଣି ପଞ୍ଚାୟତର ଆପେକ୍ସ କମିଟି ବୈଠକ ଶୁକ୍ରବାର ପ୍ରକଳ୍ପ ନିକଟରେ ଅନୁଷ୍ଠିତ ହୋଇଯାଇଛି। ପାଣି ପଞ୍ଚାୟତ କମିଟିର ଆପେକ୍ସ କମିଟି ସଭାପତି ଘନଶ୍ୟାମ ନାଏକଙ୍କ ସଭାପତିତ୍ୱରେ ଚଳିତ ଖରିଫ ଚାଷ ପାଇଁ ଡ୍ୟାମରୁ ଜଳ ସୁପରିଚାଳନା ପାଇଁ ବୈଠକରେ ଆଲୋଚନା କରାଯାଇଛି। ବୈଠକରେ ମୁଖ୍ୟଅତିଥି ଭାବେ କୋକସରା ବ୍ଲକ ଉପାଧକ୍ଷ ରାଜୀବ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ଆମପାଣି ଜୋନ ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି, ସଞ୍ଜୟ କୁମାର ସିଙ୍ଘଲ, ଟେମେରା ପାଣି ପଞ୍ଚାୟତ କମିଟି ସଭାପତି ରାଜେନ୍ଦ୍ର ନାଏକ, ଅର୍ଜୁନ ଅଗ୍ରୱାଲ, ରୋହିତ ମାଝି, କ୍ଷେତ୍ରରାମ ପାତ୍ର ପ୍ରମୁଖ ଉପସ୍ଥିତ ରହି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ବିଭିନ୍ନ ସମସ୍ୟା ଓ ବିଭାଗୀୟ ଅଧିକାରୀଙ୍କ ଅଣଦେଖାକୁ ନେଇ ମତ ରଖିଥିଲେ। ଯଦି କେନାଲ ମରାମତି ଦିଗରେ ବିଭାଗୀୟ ଉଦାସୀନତା ମନୋଭାବ ରଖିବେ ତାହେଲେ ପାଣି ପଞ୍ଚାୟତ କମିଟି ପକ୍ଷରୁ ଆନ୍ଦୋଳନ କରିବାକୁ କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି। କଳାହାଣ୍ଡିର ଅନ୍ୟତମ ପର୍ଯ୍ୟଟନସ୍ଥଳି ଡୋକାରିଚଞ୍ଚରାକୁ ସଂଯୋଗ କରୁଥିବା ରାସ୍ତାରେ ରହିଛି ବେହେରା ଡ୍ୟାମ। ପ୍ରାକୃତିକ ପରିବେଶ ମଧ୍ୟରେ ରହିଥିବା ବେଳେ ବର୍ଷର ଅନେକ ସମୟରେ ବଣଭୋଜି ଓ ଡ୍ୟାମର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ଅନେକ ଦର୍ଶକ ଆସନ୍ତି। ହେଲେ କୌଣସି ଭିତ୍ତିଭୂମି ନ ଥିବାରୁ ଏଠାକୁ ଆସୁଥିବା ଦର୍ଶକ ନିରାଶ ହୁଅନ୍ତି। ବିଭାଗ ପକ୍ଷରୁ ଏଠାରେ ପାନୀୟ ଜଳ ପାଇଁ ନଳକୂପ ଓ ବିଶ୍ରାମ ନେବା ପାଇଁ ସେଡ ବ୍ୟବସ୍ଥା କରିବାକୁ ବୈଠକରେ ପ୍ରସ୍ତାବ ଆଗତ ହୋଇଥିଲା। କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଉନ୍ନତି ପାଇଁ ଉପସ୍ଥିତ ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ଦୃଷ୍ଟି ଦେବାକୁ ପାଣି ପଞ୍ଚାୟତ କମିଟି ପକ୍ଷରୁ ଅନୁରୋଧ କରାଯାଇଛି। ବୈଠକରେ ପାଣି ପଞ୍ଚାୟତ କମିଟି ସଦସ୍ୟ ହେମନ୍ତ ବାଣୁଆ, ଚନ୍ଦ୍ରଭାନୁ ନାଏକ, ରସିକ ରାଜ ପୁଝାରି, ସୁରେଶ କୁମାର ପଣ୍ଡା, ଦେବରାଜ ପଟେଲ, ଦେବୀସିଂ ନାଗ, ଅର୍ଜୁନ ଭାଟି, ନୀତିଶ କୁମାର ପଣ୍ଡାଙ୍କ ସମେତ ପାଣି ପଞ୍ଚାୟତ ଅନେକ ସଦସ୍ୟ ଉପସ୍ଥିତ ରହିଥିଲେ। ବୈଠକରେ କୌଣସି ବିଭାଗୀୟ ଅଧିକାରୀଙ୍କୁ ଦେଖିବାକୁ ମିଳି ନ ଥିଲା।



ବୈଠକରେ ଯୋଗଦେଇଥିବା ପାଣି ପଞ୍ଚାୟତ ସଦସ୍ୟମାନେ।